
# ସୁଧର୍ମ ୬

## କୃଷକ ଉତ୍ପାଦକ ସଂଗଠନର ଆଇନ୍‌ଭିତ୍ତିକ ନିୟମ ପାଳନ




cysd
Enable-Empower-Include...

apmas


ବୋର୍ଡ଼ ବୈଠକର
କାର୍ଯ୍ୟସୂଚୀ

୬

ମଡ୍ୟୁଲ

# ସୁଧର୍ମ

## କୃଷକ ଉତ୍ପାଦକ ସଂଗଠନର ଆଇନ୍‌ଭିତ୍ତିକ ନିୟମ ପାଳନ

କୃଷକ ଉତ୍ପାଦକ ସଙ୍ଗଠନର
ନିର୍ଦ୍ଦେଶକମଣ୍ଡଳୀମାନଙ୍କ ପାଇଁ ଶିକ୍ଷଣ ପେଟିକା






DGRV apmas cysd Enable-Empower-Include...

# ସୁଧର୍ମ

## କୃଷକମାନଙ୍କର ଉତ୍ପାଦକ ସଂଗଠନର
## ଆଇନ୍‌ଭିତ୍ତିକ ନିୟମ ପାଳନ

ପ୍ରଥମ ସଂସ୍କରଣ – ଫେବୃୟାରୀ ୨୦୨୧
ମୂଲ୍ୟ – ୧୦୦ ଟଙ୍କା ମାତ୍ର

ପୁନଃ ପ୍ରକାଶନର ଅଧିକାର ସଂରକ୍ଷିତ। ଏହି ପୁସ୍ତିକା ଏପିମାସ୍‌ର ଅନୁମତିରେ ଏପିମାସ୍ ଓ ଡି.ଜି.ଆର୍.ଭି.ର ଲୋଗ ଥାଇ ପୁନଃ ପ୍ରକାଶନ ହୋଇପାରିବ।

ଏହି ବହି ପାଇଁ, ଆପଣ ଏପିମାସ୍ ଅଫିସକୁ ଫୋନ୍ କିମ୍ୱା ଇ-ମେଲ୍ ପଠାଇ ଯୋଗାଯୋଗ କରିପାରିବେ।

**ଅନୁବାଦ**

**ସି ୱାଇ ଏସ୍ ଡ଼ି**
ଇ-୧, ଇନଷ୍ଟିଚ୍ୟୁସନାଲ ଏରିଆ, ଗଙ୍ଗାଧର ମେହେର ମାର୍ଗ
ପୋଷ୍ଟ - ଆର.ଆର.ଏଲ୍., ଭୁବନେଶ୍ୱର - ୭୫୧୦୧୩ ଓଡ଼ିଶା
ଫୋନ୍ - ୦୬୭୪ ୨୩୦୦୯୮୩, ୨୩୦୧୭୨୫
ଇ ମେଲ୍ - cysd@cysd.org / info@cysd.org
ୱେବ୍‌ସାଇଟ୍ – www.cysd.org

**ପ୍ରକାଶକ:**

**ମହିଳା ଅଭିବୃଦ୍ଧି ସୋସାଇଟି (ଏପିମାସ୍)**
ପ୍ଲଟ୍ ନଂ – ୧୧ ଏବଂ ୧୨, ହୁଡା କଲୋନି, ଟନେସା ନଗର, ମନିକୋଣ୍ଡା,
ହାଇଦ୍ରାବାଦ - ୫୦୦୦୮୯, ତେଲେଙ୍ଗାନା, ଭାରତ
ଅଫିସ୍ ଫୋନ୍ – ୦୮୪୧୩-୪୦୩୧୧୮/୦୮୪୧୩-୪୦୩୧୨୦
ଇ-ମେଲ୍ ଆଇଡି : info@apmas.org
ୱେବ୍‌ସାଇଟ୍ – www.apmas.org

# କୃଷକ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକମଣ୍ଡଳୀ ପାଇଁ ଆତ୍ମ-ଶିକ୍ଷଣ ପେଟିକା କାହିଁକି ?

ଯଦିଓ ଭାରତୀୟ ଚାଷୀ ବା କୃଷକମାନେ ଅନେକଗୁଡ଼ିଏ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି, ତଥାପି ବିଗତ ଦଶନ୍ଧିରେ "କୃଷି" ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଲାଭ କରିଛି। ପଲିସି ପ୍ରସ୍ତୁତକାରୀ ଏବଂ କ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିଙ୍କ ଦ୍ୱାରା କୃଷକମାନଙ୍କୁ ସେମାନଙ୍କ ସମୂହ ଯଥା; ଚାଷୀ/ କୃଷକ ଉତ୍ପାଦକ ସଂଗଠନଗୁଡ଼ିକ (FPO) କୃଷକମାନଙ୍କ ଉନ୍ନତି ପାଇଁ ସର୍ବାଧିକ ଆନୁଷ୍ଠାନିକ ବ୍ୟବସ୍ଥା ରୂପେ ଗଢ଼ି ଉଠିଛି। ଆସନ୍ତା ୫ ବର୍ଷ ମଧ୍ୟରେ ଭାରତବର୍ଷରେ ଚାଷୀମାନଙ୍କର ଆୟ ଦ୍ୱିଗୁଣିତ କରିବାପାଇଁ କୃଷକମାନଙ୍କର ଉତ୍ପାଦକ ସଂଗଠନ ବିଚାର ଅଦାଲତର ବିନା ସାହାଯ୍ୟରେ ଏକ ରଣନୀତି। ଭାରତବର୍ଷରେ ୫୦୦୦ କୃଷକ ଉତ୍ପାଦକ ସଂଗଠନଗୁଡିକ ବିଭିନ୍ନ ଅନୁଷ୍ଠାନ ମାଧ୍ୟମରେ ଗଠନ କରାଯାଇ ସୁଦୃଢ଼ କରାଯାଉଅଛି ଏବଂ ଆହୁରି ଅନେକ କୃଷକ ଉତ୍ପାଦକ ସଂଗଠନ ଗଠନ କରାଯାଉଅଛି। ତେଲୁଗୁ ଭାଷା ବାସୀ ରାଜ୍ୟ ଯଥା; ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନାରେ ୭୦୦ କୃଷକ ଉତ୍ପାଦକ ସଂଗଠନ ଅଛି। କୃଷକ ଉତ୍ପାଦକ ସଂଗଠନ ଗଢ଼ିବା ଆନ୍ଦୋଳନ ଏ ପର୍ଯ୍ୟନ୍ତ ଜନ୍ମହୋଇ ବଢୁଥିବା ପର୍ଯ୍ୟାୟରେ ଅଛି ଯାହା ସହିତ ସେଗୁଡିକର ବୋର୍ଡରେ ଥିବା ନିର୍ଦ୍ଦେଶକମଣ୍ଡଳୀ ସେମାନଙ୍କର ପୃଷ୍ଠପୋଷକ ମାନଙ୍କ ଉପରେ ନିର୍ଭର କରୁଛନ୍ତି। ଯେଉଁମାନଙ୍କର ଲକ୍ଷ୍ୟ, ବ୍ୟବସାୟିକ ଚିନ୍ତାଧାରା, ପ୍ରଶିକ୍ଷଣ ଏବଂ ଦକ୍ଷତା ସୀମିତ ଅଟେ କାରଣ ସେମାନଙ୍କ ପାଇଁ ଖୁବ୍ କମ୍ ପ୍ରଶିକ୍ଷଣର ବ୍ୟବସ୍ଥା କରାଯାଇଛି। ଏକ ବଳିଷ୍ଠ, ନିଷ୍ଠାବାନ୍ ଏବଂ ଉପଯୁକ୍ତ ତାଲିମ୍‌ପ୍ରାପ୍ତ ମୁଖ୍ୟ ନିର୍ବାହୀ ଅଧିକାରୀ ପାଇବା କୃଷକ ଉତ୍ପାଦକ ସଂଗଠନ ପାଇଁ ଏକ କଠିନ ବ୍ୟାପାର। କୃଷକ ଉତ୍ପାଦକ ସଂଗଠନ ଅନ୍ୟ କେତେଗୁଡ଼ିଏ ଆହ୍ୱାନର ସମ୍ମୁଖୀନ ହେଉଛି ଯଥା; ଉତ୍ତମ ସୁଶାସନ, ବ୍ୟବସାୟ ପରିଚାଳନା, ସଫଳ ବ୍ୟବସ୍ଥା ଏବଂ ଅର୍ଥ ଓ ବଜାର ସହିତ ସରକାରୀ ଯୋଜନା ପାଖରେ ପହଞ୍ଚିବା। କୃଷିଜାତ ଦ୍ରବ୍ୟର ମୂଲ୍ୟ ଶୃଙ୍ଖଳ ବିକାଶକୁ ଉତ୍ତମରୂପେ ପ୍ରଭାବିତ କରିବା, କୃଷକ ଉତ୍ପାଦକ ସଂଗଠନ ପାଇଁ ଏକ ଦୂରୁହ ବ୍ୟାପାର ଅଟେ।

ନିର୍ଦ୍ଦେଶକମଣ୍ଡଳୀମାନଙ୍କର ଦକ୍ଷତା ଓ ସାମର୍ଥ୍ୟ ବୃଦ୍ଧି ହେଉଛି ମୌଳିକ ଏବଂ କୃଷକ ଉତ୍ପାଦକ ସଂଗଠନର ସଫଳତା ଏବଂ ସେମାନେ ବ୍ୟବସାୟିକ ଅନୁଷ୍ଠାନ ରୂପେ ଗଢ଼ି ଉଠିବା ପାଇଁ ସେମାନଙ୍କର କ୍ଷମତା ବୃଦ୍ଧି ସହିତ ସେମାନଙ୍କ ସଭ୍ୟ ଚାଷୀମାନଙ୍କୁ ଆବଶ୍ୟକତା ଅନୁଯାୟୀ ସେବା ଯୋଗାଇ ଚାଷରୁ ଲାଭାଂଶ ବୃଦ୍ଧି କରିବା ପାଇଁ ଏହା ଆନୁସାଙ୍ଗିକ ଭାବରେ ଆବଶ୍ୟକ ହୁଏ। ଲଗାତର ପ୍ରଶିକ୍ଷଣ ଏବଂ କୃଷକ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକମଣ୍ଡଳୀ, କର୍ମଚାରୀମାନଙ୍କୁ କୃଷକ ଉତ୍ପାଦକ ସଂଗଠନ ବିକାଶ କେନ୍ଦ୍ର ଜରିଆରେ ପ୍ରାଥମିକତା ଅଟେ ଯାହାକି ଆମ୍ଭେ ଅନେକଗୁଡିଏ କୃଷକ ଉତ୍ପାଦକ ସଂଗଠନ ଗଠନ ଓ ଅନ୍ୟମାନଙ୍କ ଦ୍ୱାରା ଗଠିତ କୃଷକ ଉତ୍ପାଦକ ସଂଗଠନଗୁଡିକୁ ପଥପ୍ରଦର୍ଶନ କାର୍ଯ୍ୟରେ ସଂଶ୍ଳିଷ୍ଟ ଅଛୁ ଏବଂ ସେମାନଙ୍କୁ ଉପଯୁକ୍ତ କୃଷିଜାତ ଦ୍ରବ୍ୟ ମୂଲ୍ୟ ଶୃଙ୍ଖଳ ବିକାଶ ପ୍ରଚେଷ୍ଟା ଗୁଡ଼ିକରେ ସଂଶ୍ଳିଷ୍ଟ ହେବାକୁ ଚେଷ୍ଟା ଜାରି ରଖିଛୁ।

ପୂର୍ବରୁ ଥିବା କୃଷକ ଉତ୍ପାଦକ ସଂଗଠନ ପାଇଁ ପ୍ରଶିକ୍ଷଣ ପେଟିକା ଓ ପ୍ରଶିକ୍ଷକଙ୍କ ପାଇଁ ସମୀକ୍ଷା କଲାବେଳେ, ଆମ୍ଭେ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକମଣ୍ଡଳୀ ନିମନ୍ତେ ଗୁଣାତ୍ମକ, ପ୍ରୟୋଗାତ୍ମକ ଏବଂ ବ୍ୟବହାର ଉପଯୋଗୀ ବା ବ୍ୟବହାରକାରୀଙ୍କ ସାଥୀ ଆତ୍ମଶିକ୍ଷଣ ପେଟିକା ପାଇଲୁ ନାହିଁ। ଆମ୍ଭର ସ୍ୱୟଂ ସହାୟକ ସଂଗଠନ ପାଇଁ ନିଜର ପରିଚାଳନା ଉପରେ ବହୁତ ଦିନର ଅଭିଜ୍ଞତାକୁ ଭିତ୍ତିକରି ଆତ୍ମଶିକ୍ଷଣ ପେଟିକା ପ୍ରସ୍ତୁତି ଏବଂ ୧୮ ବର୍ଷର ସଂଗଠନ ସୁଦୃଢ଼ କରି ବା ତାଲିମ୍‌ର ଅନୁଭୂତିକୁ ପାଥେୟ କରି ଶ୍ରୀ ମଧୁମୂର୍ତ୍ତି

ଏବଂ ଶ୍ରୀମତୀ ରମାଲକ୍ଷ୍ମୀଙ୍କ ନେତୃତ୍ୱରେ ଏପିମାସ୍‌ର ଟିମ୍ ଏକ ବର୍ଷରୁ ଅଧିକ ସମୟ ଧରି ସମ୍ବଳ ଅନୁଷ୍ଠାନ, ସହଭାଗୀ ବେସରକାରୀ ଅନୁଷ୍ଠାନ, ପ୍ରଶିକ୍ଷଣ ଅନୁଷ୍ଠାନ ଏବଂ କୃଷକ ଉତ୍ପାଦକ ସଂଗଠନର ଆବଶ୍ୟକତା ଏବଂ ଗୁରୁତ୍ୱ, ଅନୁଷ୍ଠାନର ଢାଞ୍ଚା, ସଦସ୍ୟତା, ନେତୃତ୍ୱ ଏବଂ ସ୍ୱଶାସନ, ପରିଚାଳନା, ପଞ୍ଜିକରଣ ଏବଂ ଆଇନଭିତ୍ତିକ ନିୟମ ପାଳନ, ବ୍ୟବସାୟିକ ଯୋଜନା, ଉତ୍ପାଦନ ବୃଦ୍ଧି, ସାମୂହିକ ବଜାର (ସାଧନ ପ୍ରବେଶ ଓ ଫଳାଫଳ ପ୍ରାପ୍ତ), କୃଷିଭିତ୍ତିକ ସେବା କେନ୍ଦ୍ର ପରିଚାଳନା, ଆର୍ଥିକ ଏବଂ ହିସାବ କିତାବର ପରିଚାଳନା ସମ୍ବନ୍ଧିତ ବିଷୟବସ୍ତୁ ଥାଇ କ୍ରମାନ୍ୱୟରେ ୧୨ଟି ସହଜ ଓ ବ୍ୟବହାର-ଯୋଗ୍ୟ ଆତ୍ମ-ଶିକ୍ଷଣ ପେଟିକା ପ୍ରସ୍ତୁତ କରିଛନ୍ତି।

ଯେହେତୁ କୃଷକ ଉତ୍ପାଦକ ସଂଗଠନ ଏକ ଗଣତାନ୍ତ୍ରିକ ସ୍ୱୟଂଚାଳିତ ଚିରସ୍ଥାୟୀ ବ୍ୟବସାୟିକ ଅନୁଷ୍ଠାନ, ତେଣୁ କୃଷକ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକମଣ୍ଡଳୀ ଏବଂ କର୍ମକର୍ତ୍ତାଙ୍କ ପାଇଁ ସବୁବେଳେ ଦକ୍ଷତା ବିକାଶର ଆବଶ୍ୟକତା ରହିଛି। ଏହାର ମୁଖ୍ୟକାରଣ ହେଲା ଏହି ନିର୍ଦ୍ଦେଶକମଣ୍ଡଳୀ ଓ କର୍ମକର୍ତ୍ତା କିଛି ବର୍ଷ ଅନ୍ତରରେ ନିର୍ବାଚନର ସମ୍ମୁଖୀନ ହୁଅନ୍ତି। ଆମ୍ଭେ ନିଶ୍ଚିତ ଯେ, ଏହି ସହଜ ବ୍ୟବହାର ଯୋଗ୍ୟ, ଆତ୍ମ-ଶିକ୍ଷଣ ପେଟିକା କୃଷକ ଉତ୍ପାଦକ ସଂଗଠନକୁ ସୁଦୃଢ଼ କରିବା ଏବଂ ସେମାନଙ୍କ ସଦସ୍ୟମାନଙ୍କୁ ସେବା ଯୋଗାଇବା ପାଇଁ ବ୍ୟବହାର ଉପଯୋଗୀ ହୋଇପାରିବ। କୃଷକ ଉତ୍ପାଦକ ସଂଗଠନର ପୃଷ୍ଠପୋଷକମାନେ କୃଷକ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକମଣ୍ଡଳୀଙ୍କୁ ଏହି ଆତ୍ମ-ଶିକ୍ଷଣ ପେଟିକାରୁ ଶିକ୍ଷାପ୍ରାପ୍ତ କରିବା ପାଇଁ ସହାୟତା କରିପାରିବେ। କୃଷକ ଉତ୍ପାଦକ ସଂଗଠନର ପୃଷ୍ଠପୋଷକ ଏବଂ ଅନ୍ୟ ସଂପୃକ୍ତ ବ୍ୟକ୍ତିବିଶେଷ ଏହି କୃଷକ ଉତ୍ପାଦକ ସଂଗଠନର ନିର୍ଦ୍ଦେଶକମଣ୍ଡଳୀଙ୍କ ପାଇଁ ଉଦ୍ଦିଷ୍ଟ ଆତ୍ମ-ଅଧ୍ୟୟନ ମଡ୍ୟୁଲ (ପେଟିକା)କୁ ବ୍ୟବହାର କରି ଫଳପ୍ରଦ ମାର୍ଗଦର୍ଶନ କରିବା ସହିତ କୃଷକ ଉତ୍ପାଦକ ସଂଗଠନକୁ ଏକ ସ୍ୱୟଂ-ପରିଚାଳିତ ଏବଂ ସୁଦୃଢ଼ ବ୍ୟବସାୟ ଅନୁଷ୍ଠାନ କରି ଗଢ଼ି ତୋଳିପାରିବେ। ଏପିମାସ ଏହି ଆତ୍ମ-ଅଧ୍ୟୟନ ପେଟିକାକୁ ତେଲୁଗୁ, ଇଂରାଜୀ ଓ ଓଡ଼ିଆରେ ପ୍ରକାଶ କରିବାର ଦାୟିତ୍ୱ ନେଇଛି, ଯାହା ଚାହିଦା ଉପରେ ପର୍ଯ୍ୟବେସିତ। ଏହି ପେଟିକା ଉପଯୁକ୍ତ ଭାବରେ ଅନ୍ୟ ଭାରତୀୟ ଭାଷାରେ ସମ୍ବଳ ଅନୁଷ୍ଠାନ, ରାଜ୍ୟ ସରକାର ଓ ନାବାର୍ଡ ଏବଂ ଅନ୍ୟ ପ୍ରଶିକ୍ଷଣ ଅନୁଷ୍ଠାନମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇ ବ୍ୟବହାର କରାଯାଇପାରିବ। ଏପିମାସ୍ ଏହି ପ୍ରଚେଷ୍ଟାକୁ ନିଶ୍ଚିତ ରୂପେ ସହଯୋଗ କରିବ। ଆପଣଙ୍କ ମତାମତ ଅପେକ୍ଷାରେ !

ଧନ୍ୟବାଦ ସହ
ସି.ଏସ୍. ରେଡ୍ଡି
ମୁଖ୍ୟ କାର୍ଯ୍ୟନିର୍ବାହୀ, ଏପିମାସ୍

# କୃତଜ୍ଞତା

ଦେଶର ଶତକଡା ୭୦ଭାଗ ଲୋକ କୃଷି କାର୍ଯ୍ୟରେ ନିୟୋଜିତ ଥିଲେ ମଧ୍ୟ କୃଷକମାନେ କୃଷିଜାତ ଦ୍ରବ୍ୟର ପ୍ରକୃତ ମୂଲ୍ୟ ପାଇବା ଆଜି ଦିନରେ ଏକ ଦୁରୁହ ବ୍ୟାପାର। ଚାଷୀକେନ୍ଦ୍ରିକ କୃଷିକୁ ସୁଚାରୁରୂପେ ଆପଣା ଯାଇପାରିନାହିଁ। ଚାଷଜନିତ ବହୁମୁଖୀ ସମସ୍ୟା ଯୋଗୁ ଚାଷପ୍ରତି ଚାଷୀର ଆଗ୍ରହ କମିବାରେ ଲାଗିଛି। ଖୁସିର ଖବର କୃଷକମାନଙ୍କ ଉନ୍ନତି ପାଇଁ ଏବେ କୃଷକ ଉତ୍ପାଦକ ସଙ୍ଗଠନମାନ ଗଢିଉଠୁଛି। କୃଷିଜାତ ଦ୍ରବ୍ୟର ବିକ୍ରିବଟାକୁ ପ୍ରଭାବିତ କରିବା କୃଷକ ଉତ୍ପାଦକ ସଙ୍ଗଠନର ମୌଳିକ ଦାୟିତ୍ୱ ଅଟେ।

କୃଷକ ଉତ୍ପାଦକ ସଙ୍ଗଠନ ଏକ ଗଣତାନ୍ତ୍ରିକ ସ୍ୱୟଂଚାଳିତ ବ୍ୟବସାୟିକ ସଙ୍ଗଠନ।ଏହି ସଙ୍ଗଠନର ନିର୍ଦ୍ଦେଶକମଣ୍ଡଳୀ ଏବଂ କର୍ମକର୍ତ୍ତାଙ୍କ ପାଇଁ ସର୍ବଦା ଦକ୍ଷତା ବିକାଶର ଆବଶ୍ୟକତା ରହିଛି। ଏହି ୬ଟି ଆତ୍ମ-ଶିକ୍ଷଣ ପେଟିକା କୃଷକ ଉତ୍ପାଦକ ସଙ୍ଗଠନକୁ ସୁଦୃଢ କରିବା ଓ ସେମାନଙ୍କର ସଦସ୍ୟମାନଙ୍କୁ ସେବା ଯୋଗାଇ ଦେବା ପାଇଁ ଉଦ୍ଦିଷ୍ଟ। ଏହି ଆତ୍ମ-ଶିକ୍ଷଣ ପେଟିକାକୁ ବ୍ୟବହାର କରି ଫଳପ୍ରଦ ମାର୍ଗଦର୍ଶନ ସହିତ ଏହା କୃଷକ ଉତ୍ପାଦକ ସଙ୍ଗଠନଗୁଡିକୁ ସ୍ୱୟଂଚାଳିତ ଏବଂ ଦୃଢ ବ୍ୟବସାୟିକ ସଙ୍ଗଠନ ଭାବେ ଗଢି ତୋଳିବାରେ ସାହାଯ୍ୟ କରିବ ବୋଲି ଆମର ଆଶା।

ଏପିମାସ୍ (APMAS)ଦ୍ୱାରା ପ୍ରସ୍ତୁତ ୬ଟି ଶିକ୍ଷଣ ପେଟିକାକୁ ଓଡିଆ ଭାଷାରେ ଅନୁବାଦ କରିବା ପାଇଁ ସୁଯୋଗ ପ୍ରଦାନ କରିଥିବାରୁ ଆମ୍ଭେ ସଙ୍ଗଠନକୁ କୃତଜ୍ଞତା ଜ୍ଞାପନ କରୁଅଛୁ। ଏଥିରେ ଶ୍ରୀମତୀ ଭାରତୀ ମହାପାତ୍ରଙ୍କୁ ଅନୁବାଦ ପାଇଁ ଏବଂ ଶ୍ରୀ ନଗେନ୍ଦ୍ର ଆଚାର୍ଯ୍ୟଙ୍କୁ ସଂଶୋଧନ ପାଇଁ ଧନ୍ୟବାଦ ଜଣାଉଛୁ । ଆଶା, ଏହି ଆତ୍ମ-ଶିକ୍ଷଣ ପେଟିକାଗୁଡିକ କୃଷକ ଉତ୍ପାଦକ ସଙ୍ଗଠନ ପାଇଁ ନିଶ୍ଚିତରୂପେ ଉପାଦେୟ ହେବ।

cysd
Enable-Empower-Include...

**ଜଗଦାନନ୍ଦ**
ମାର୍ଗଦର୍ଶକ

# ସୂଚୀପତ୍ର


ଏହି ଶିକ୍ଷଣ ପେଟିକା ବିଷୟରେ ........................................................................ ୦୭

କଠିନଶବ୍ଦ (ଆକ୍ରୋନିମ୍‌ସ)........................................................................ ୦୯

କାର୍ଯ୍ୟକ୍ରମର ପ୍ରାରମ୍ଭିକ ସ୍ଥିତି ମୂଲ୍ୟାୟନ ........................................................................ ୧୩

୧. ଆଇନଭିତ୍ତିକ ନିୟମପାଳନର ଆବଶ୍ୟକତା ଓ ଉପକାରୀତା........................................ ୧୪

୨. ଆଇନ୍ ଅନୁସାରେ ପଞ୍ଜିକରଣ ବା ସ୍ୱୀକୃତି ପାଇଁ ଆଇନ୍‌ଭିତ୍ତିକ ନିୟମ ପାଳନ ........................ ୧୭

୩. ଆଇନ୍‌ଭିତ୍ତିକ ଲାଇସେନ୍‌ସ ଓ ପରମିଟ୍‌ସବୁ........................................................ ୨୩

କାର୍ଯ୍ୟକ୍ରମର ଶେଷ ମୂଲ୍ୟାୟନ ........................................................................ ୩୧

# ଶିକ୍ଷଣ ପେଟିକା ବିଷୟରେ

**ବୋର୍ଡର ନିର୍ଦ୍ଦେଶକମଣ୍ଡଳୀଙ୍କ ପାଇଁ ଶିକ୍ଷଣ ପେଟିକା**

୧. ଜାଗୃତି - କୃଷକ ଉତ୍ପାଦକ ସଂଗଠନର ପରିଚୟ ଏବଂ ପ୍ରାସଙ୍ଗିକତା
୨. ପରିକଳ୍ପନା – କୃଷକ ଉତ୍ପାଦକ ସଂଗଠନର ଗଠନ ଢାଞ୍ଚା ଏବଂ ରୂପରେଖ
୩. ବିନିମୟ - କୃଷକ ଉତ୍ପାଦକ ସଂଗଠନର ସଦସ୍ୟତା।
୪. ପ୍ରେରଣା – କୃଷକ ଉତ୍ପାଦକ ସଂଗଠନର ସୁଶାସନ
୫. ସମର୍ଥନ - କୃଷକ ଉତ୍ପାଦକ ସଂଗଠନର ପରିଚାଳନା
୬. ସୁଧର୍ମ - କୃଷକ ଉତ୍ପାଦକ ସଂଗଠନର ଆଇନଗତ୍ଭିତ୍ତିକ ନିୟମ ପାଳନ
୭. ବ୍ୟବସାୟ ଯୋଜନା
୮. ହିସାବ କିତାବ ଏବଂ ଅର୍ଥ
୯. ଅମଳ ପରର, ଯୋଗାଣ ଶୃଙ୍ଖଳ (ଚେନ୍) ପରିଚାଳନା
୧୦. କିଣାବିକା କରିବା
୧୧. କୃଷି ଉତ୍ପାଦକତା ବୃଦ୍ଧି ପାଇଁ ସେବା
୧୨. ନେତୃତ୍ୱ

କୃଷକ ଉତ୍ପାଦକ ସଂଗଠନର ଆଇନଗତ୍ଭିତ୍ତିକ ନିୟମ ପାଳନ, ଉତ୍ପାଦକ ସଂଗଠନ ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ ସଦସ୍ୟଙ୍କ ପାଇଁ ଏହା ସିରିଜ୍‌ର ଷଷ୍ଠତମ ଆତ୍ମ-ଶିକ୍ଷଣ ପେଟିକା। ଯେହେତୁ ଆଇନଗତ୍ଭିତ୍ତିକ ନିୟମ ପାଳନ ହେଉଛି କୃଷକ ଉତ୍ପାଦକ ସଂଗଠନ ବୋର୍ଡ ନିର୍ଦ୍ଦେଶକମଣ୍ଡଳୀ ସଦସ୍ୟଙ୍କର ଏକ ଖୁବ୍ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ତେଣୁ ଏହି ଶିକ୍ଷଣ ପେଟିକା ଉପରୋକ୍ତ ବିଷୟବସ୍ତୁକୁ ଗୁରୁତ୍ୱ ଦେଇଛି, ଯାହାଫଳରେ କୃଷକ ଉତ୍ପାଦକ ସଂଗଠନ ବୋର୍ଡର ନିର୍ଦ୍ଦେଶକମାନଙ୍କୁ ସେହି ଦିଗରେ ପ୍ରସ୍ତୁତ କରାଇବ।

### ଉଦ୍ଦେଶ୍ୟ

ଏହି ଶିକ୍ଷଣ ପେଟିକାର ଉଦ୍ଦେଶ୍ୟ ହେଲା, କୃଷକ ଉତ୍ପାଦକ ସଂଗଠନର ବୋର୍ଡରେ ଥିବା ନିର୍ଦ୍ଦେଶକମଣ୍ଡଳୀ ସଦସ୍ୟମାନଙ୍କର ଆବଶ୍ୟକ ବୁଝାମଣା ସୃଷ୍ଟି କରାଇବା ଏବଂ ପ୍ରଶିକ୍ଷଣ ଦେବା ଯାହା ଫଳରେ ସେମାନେ ସେମାନଙ୍କର ଭୂମିକା ଫଳପ୍ରଦ ଭାବେ କରିପାରିବେ ଏବଂ ସେମାନଙ୍କ କୃଷକ ଉତ୍ପାଦକ ସଂଗଠନର ନେତୃତ୍ୱ ନେଇ ତାକୁ ସୁଦୃଢ଼ କରାଇ ସେମାନଙ୍କ ସଦସ୍ୟମାନଙ୍କୁ ଉପକୃତ କରାଇପାରିବେ।

### କେଉଁମାନଙ୍କ ପାଇଁ

ଏହି ଶିକ୍ଷଣ ପେଟିକା ବୋର୍ଡର ନିଦ୍ଦେଶକମଣ୍ଡଳୀର ସଦସ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ। କୃଷକ ଉତ୍ପାଦକ ସଂଗଠନ ବୋର୍ଡର ନିର୍ଦ୍ଦେଶକ ମଣ୍ଡଳୀ ସଦସ୍ୟମାନଙ୍କର ଅନ୍ତତଃପକ୍ଷେ କୃଷକ ଉତ୍ପାଦକ ସଂଗଠନ ପରିଚାଳନା କରିଥିବାର ୧ ବର୍ଷର ଅନୁଭୂତି ଥିବ।

## ଶିକ୍ଷଣ ଉଦ୍ଦେଶ୍ୟ

ଏହି ଆଇନ୍‌ଭିତ୍ତିକ ନିୟମ ପାଳନ ଉପରେ ଆଧାରିତ ଶିକ୍ଷଣ ପେଟିକାର ନିମ୍ନରେ ଶିକ୍ଷଣ ଉଦ୍ଦେଶ୍ୟଗୁଡ଼ିକ ଦିଆଗଲା ।

- କୃଷକ ଉତ୍ପାଦକ ସଂଗଠନ ପାଇଁ ଆଇନ୍‌ଭିତ୍ତିକ ନିୟମ ପାଳନର ଆବଶ୍ୟକତା ଏବଂ ଏହାର ଉପକାରଗୁଡ଼ିକ ଉପରେ ସଚେତନ ହେବେ ।
- ପଞ୍ଜିକରଣ ଆଇନ୍‌ରେ ଥିବା ବିଭିନ୍ନ ପ୍ରକାର ଆଇନ୍‌ଭିତ୍ତିକ ନିୟମ ପାଳନକୁ ଜାଣିବା ଓ ତା ସହିତ ସୁପରିଚିତ ହେବ ।
- କୃଷକ ଉତ୍ପାଦକ ସଂଗଠନଗୁଡିକ ପାଇଁ ବିଭିନ୍ନ ପ୍ରକାର ଆଇନ୍‌ଗତ ଲାଇସେନସ / ପରମିଟ୍‌ର ଆବଶ୍ୟକତାକୁ ଜାଣିବା ।

## ଢାଞ୍ଚା ଓ ବିଷୟବସ୍ତୁ

ଉଦ୍ଦେଶ୍ୟଗୁଡ଼ିକରେ ସୂଚୀତ ହୋଇଥିବା, ଏହି ଶିକ୍ଷଣ ପେଟିକା, ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ ସଦସ୍ୟମାନଙ୍କୁ ଆଇନ୍‌ଭିତ୍ତିକ ନିୟମ ପାଳନର ଆବଶ୍ୟକତା ଓ ଗୁରୁତ୍ୱ ବିଷୟରେ ସଚେତନ କରାଇବାରୁ ଆରମ୍ଭ ହୋଇଛି । ତା'ପରେ ପଞ୍ଜିକରଣ ଆଇନ ଅଧିନରେ କୃଷକ ଉତ୍ପାଦକ ସଙ୍ଗଠନରୁ ଆରମ୍ଭ ହୋଇଛି । ତାପରେ ଏହା ଆଇନ୍‌ଭିତ୍ତିକ ନିୟମ ପାଳନ ଓ ବିଭିନ୍ନ ପ୍ରକାର ଆଇନ୍‌ଗତ ଲାଇସେନ୍‌ସ / ପରମିଟ୍ ସମ୍ବନ୍ଧରେ ଆଲୋଚିତ ହୋଇଛି ।

## ଏହାକୁ କିପରି ବ୍ୟବହାର କରିବା

ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ ସଦସ୍ୟମାନେ ଏହି ଶିକ୍ଷଣ ପେଟିକାକୁ ନିଜେ ନିଜେ ବ୍ୟବହାର କରିପାରିବେ କିମ୍ବା ବାହାରର ସମ୍ବଳ ବ୍ୟକ୍ତି ବା ବିଶେଷଜ୍ଞର ସହାୟତାରେ ଏହି ପେଟିକାରେ ଥିବା ଶିକ୍ଷଣ ପ୍ରକ୍ରିୟାକୁ ଶିଖିପାରିବେ । ଏହି ପେଟିକା ସହିତ କେତେକ ସମ୍ପର୍କିତ ପୋଷ୍ଟର ଅଛି ଯାହାକୁ କି ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ ସଦସ୍ୟମାନେ ଶିକ୍ଷଣ ପାଇଁ ଉପଯୁକ୍ତ ସ୍ଥାନରେ ଲଗାଇପାରିବେ ।

ଏହି ଶିକ୍ଷଣ ପେଟିକାରେ ଥିବା ଶିକ୍ଷଣକୁ ଉପଭୋଗ କରି ଶିଖିବା ଆମ୍ଭେ ଆଶାକରୁ ଏବଂ ଆପଣ ନିଜର କୃଷକ ଉତ୍ପାଦକ ସଙ୍ଗଠନକୁ ଅଧିକ ଫଳପ୍ରଦ ଏବଂ କାର୍ଯ୍ୟଦକ୍ଷଭାବେ ପରିଚାଳନା କିମ୍ବା ସ୍ୱଶାସନ କରନ୍ତୁ ।

# କଠିନ ଶବ୍ଦ (ଆକ୍ରୋନିମ୍ସ)

**ଆର୍ଟିକିଲସ୍ ଅଫ ଆସୋସିଏସନ୍ (Articles of Associations)** : ଏକ ସମବାୟ ସମିତି / ସମବାୟ ବାଇଲ ଯାହା, ଉତ୍ପାଦକ କମ୍ପାନୀ ପାଇଁ ଆର୍ଟିକିଲସ୍ ଅଫ୍ ଆସୋସିଏସନ୍ ତାହା ଆର୍ଟିକିଲସ ଅଫ ଆସୋସିଏସନ ସ୍ୱତନ୍ତ୍ର ଭାବରେ କମ୍ପାନୀର କାର୍ଯ୍ୟକାରୀତା ପାଇଁ ନୀତିନିୟମ ଏବଂ କମ୍ପାନୀର ଉଦ୍ଦେଶ୍ୟ ଏବଂ ଏହି ଉଦ୍ଦେଶ୍ୟ ହାସଲ ପାଇଁ କ'ଣ ପଦ୍ଧତି ଓ ମାର୍ଗ ଅବଲମ୍ବନ କରିବାକୁ ପଡିବ ସେଥିରେ ଉଲ୍ଲେଖଥାଏ ।

କମ୍ପାନୀର ବୋର୍ଡକୁ ଆର୍ଟିକିଲ୍ସ ଅଫ୍ ଆସୋସିଏସନ୍‌କୁ ପ୍ରସ୍ତୁତ କରିବାକୁ ପଡିବ ଏବଂ କମ୍ପାନୀମାନଙ୍କର ରେଜିଷ୍ଟ୍ରାର୍‌ଙ୍କଠାରୁ ତାହାର ସ୍ୱୀକୃତି ଲାଭ କରିବାକୁ ପଡିବ । ଏଥିରେ କିଛି ସଂଶୋଧନ କରିବାକୁ ହେଲେ ତାହାକୁ ସାଧାରଣ ପରିଷଦ ବୈଠକରେ କରିବାକୁ ପଡିବ ଏବଂ ପୁନର୍ବାର କମ୍ପାନୀମାନଙ୍କର ରେଜିଷ୍ଟ୍ରାରଙ୍କଠାରୁ ସ୍ୱୀକୃତି ଲାଭ କରିବାକୁ ପଡ଼ିବ ।

**ବାର୍ଷିକ ସାଧାରଣ ପରିଷଦ ସଭା** : ବାର୍ଷିକ ସାଧରଣ ପରିଷଦ ସଭା କିମ୍ବା ସାଧାରଣ ପରିଷଦ ସଭା ହେଉଛି କୃଷକ ଉତ୍ପାଦକ ସଂଗଠନର ସାଧାରଣ ପରିଷଦର ବାର୍ଷିକ ସଭା । କୃଷକ ଉତ୍ପାଦକ ସଂଗଠନର କେତେକ ମୁଖ୍ୟ ପଲିସି ସ୍ତରୀୟ ନିଷ୍ପତ୍ତି ଯଥା: ଆର୍ଥିକ ବିବରଣୀର ଅଡିଟ୍, ବାର୍ଷିକ ଯୋଜନା, ଆର୍ଥିକ ବିନିଯୋଗ ଏବଂ ଆର୍ଥିକ ଉତ୍‌ଥାନ, ଅଡିଟରଙ୍କର ନିୟୋଜନ, ବୋର୍ଡର ନିର୍ଦ୍ଦେଶକମଣ୍ଡଳୀର ନିର୍ବାଚନ ଇତ୍ୟାଦି ବାର୍ଷିକ ସାଧାରଣ ପରିଷଦ ସଭାରେ ନିଆଯାଇଥାଏ ।

**ଏପିଏମ୍‌ସି ଲାଇସେନ୍‌ସ** : କୃଷି ଦ୍ରବ୍ୟ ବଜାର କମିଟି (Agrigultural Produce Market Committee) (APMC) ଲାଇସେନ୍‌ସ ଏପିଏମ୍‌ସି, କୃଷି ବଜାରୀକରଣ ବିଭାଗ ଦ୍ୱାରା (Dept. of Argicultural Marketing) ପ୍ରଦାନ କରାଯାଇଥାଏ ।

**ଏଜିମାର୍କ (AGMARK)** : କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରାଳୟ, ଭାରତ ସରକାର, ନିର୍ଦ୍ଦେଶକ, କୃଷି ବିପଣନ ଓ ତଦାରଖ ପାଇଁ ପ୍ରମାଣପତ୍ର ପ୍ରଦାନ କରିଥାନ୍ତି ।

**ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ** : ବୋର୍ଡ ହେଉଛି କୃଷକ ଉତ୍ପାଦକ ସଂଗଠନର ପରିଚାଳନା ପରିଷଦ ଦ୍ୱାରା ନୀତି ସ୍ତରୀୟ ନିଷ୍ପତ୍ତି ଏବଂ ଏହା ସୁନିଶ୍ଚିତ କରାଏ ଯେ, କୃଷକ ଉତ୍ପାଦକ ସଂଗଠନ ଏହାର ସଦସ୍ୟମାନଙ୍କ ପାଇଁ କାମ କରେ । କୃଷକ ଉତ୍ପାଦକ ସଂଗଠନ ବୋର୍ଡ, ସାଧାରଣ ପରିଷଦ ଦ୍ୱାରା ନିର୍ବାଚିତ ପ୍ରତିନିଧି ଯଥା; କୃଷକ ଉତ୍ପାଦକ ସଂଗଠନର ସଦସ୍ୟମାନଙ୍କ ଦ୍ୱାରା ଗଠିତ ହୋଇଥାଏ ।

| | | |
|---|---|---|
| "ବାଇ-ଲ" | : | "ଉପବିଧି" ହେଉଛି, ସମବାୟ ସମିତିକୁ ପରିଚାଳନା କରିବାର ବ୍ୟବସ୍ଥା। ପ୍ରତ୍ୟେକ ସମବାୟ ସମିତି ସେମାନଙ୍କର ନିଜର "ଉପବିଧି" ଅଛି ଏବଂ ସେମାନଙ୍କର ସବୁ କାର୍ଯ୍ୟ ସେହି "ଉପବିଧି" ଭିତରେ ହିଁ କାର୍ଯ୍ୟକାରୀ ହୋଇଥାଏ। ବୋର୍ଡ ଏହି "ଉପବିଧି"କୁ ପ୍ରସ୍ତୁତ କରିଥାଏ ଏବଂ ତାହା ସମବାୟ ସମିତିର ନିବନ୍ଧକଙ୍କଦ୍ୱାରା ସ୍ୱୀକୃତି ଲାଭ କରିବା ଉଚିତ୍। ପରବର୍ତ୍ତୀ ସମୟରେ ଏହି "ଉପବିଧି"ରେ କିଛି ସଂଶୋଧନ କରାଗଲେ, ତାହା କେବଳ ସାଧାରଣ ପରିଷଦ ଦ୍ୱାରା ହିଁ ସଂଶୋଧିତ ହୋଇଥାଏ ଏବଂ ତାହା ସମବାୟ ସମୂହ ନିବନ୍ଧକଙ୍କ ଦ୍ୱାରା ହିଁ ସ୍ୱୀକୃତି ଲାଭ କରିବା ଆବଶ୍ୟକ। |
| ବଡି କର୍ପୋରେଟ୍ ("Body Corporate") | : | ବଡି କର୍ପୋରେଟ୍ ହେଉଛି ଏକ ଆନୁଷ୍ଠାନିକ, ସ୍ୱୀକୃତିପ୍ରାପ୍ତ ସତ୍ତା / ଅସ୍ତିତ୍ୱ ଯାହା ସମ୍ପତ୍ତି ଅଧିଗ୍ରହଣ ଧରି ରଖିବା ଓ ତାହାକୁ ବିକ୍ରିବଟା କରିବା, ଚୁକ୍ତିନାମା କରିବା, କୋର୍ଟରେ କେସ କରିବା ବା ନିଜେ କୋର୍ଟ ଦ୍ୱାରା କେସ୍‌ରେ ଅନ୍ତର୍ଭୁକ୍ତ ହେବା ଏବଂ ଏହାର ଉଦ୍ଦେଶ୍ୟ ହାସଲପାଇଁ ଅନ୍ୟ ଯେ କୌଣସି କାର୍ଯ୍ୟ କରିପାରିବ। ଏକ କୃଷକ ଉତ୍ପାଦକ ସଂଗଠନ ପଞ୍ଜିକରଣ ପରେ, ଏକ ବଡି କର୍ପୋରେଟ୍ ରୂପେ ପରିଗଣିତ ହୋଇଥାଏ। |
| ବୋର୍ଡର ସଭା | : | କୃଷକ ଉତ୍ପାଦକ ସଂଗଠନ ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ ଯେଉଁ ସଭା କରିଥାଆନ୍ତି ତାକୁ ବୋର୍ଡର ସଭା ବୋଲି କୁହାଯାଇଥାଏ। କୃଷକ ଉତ୍ପାଦକ ସଂଗଠନର ଉପବିଧି/ସଂଗଠନର ଆର୍ଟିକିଲ୍‌ସ ଅଫ୍ ଆସୋସିଏସନ ସ୍ୱତନ୍ତ୍ର ଭାବେ ଏହି ସଭା କେତେଥର କରାଯିବ, ସେ ବିଷୟରେ ନିର୍ଦ୍ଦିଷ୍ଟ କରିବ। ଯାହା ହେଉନା କାହିଁକି, ବୋର୍ଡ ମାସକୁ ଥରେ ସଭା କରିବା ଉଚିତ, ଯାହା ଏକ ଉତ୍ତମ ବ୍ୟବସ୍ଥା ଅଟେ। |
| କୋଅପରେଟିଭ ସୋସାଇଟି | : | ଏକ କୃଷକ ଉତ୍ପାଦକ ସଂଗଠନ ଯାହାକି (ଯଥା; ଓଡ଼ିଶାରେ ଥିବା କୋଅପରେଟିଭ ସୋସାଇଟି ଆକ୍ଟ, ୧୯୬୨) ଅନୁବନ୍ଧିତ ହୋଇଛି, ତାହା ଏକ ସମବାୟ ସମିତି ବୋଲି ଆମ୍ଭେ କହିବା। |
| ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ/ ପରିଚାଳକ/ସାଧରଣ ପରିଚାଳନା | : | ପ୍ରତ୍ୟେକ କୃଷକ ଉତ୍ପାଦକ ସଂଗଠନ ଜଣେ ପୂର୍ଣ୍ଣ ସମୟ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (CEO) କିମ୍ବା ଯେ କୌଣସି ପଦବୀରେ ଯେପରିକି ପରିଚାଳକ (Manager), ସାଧାରଣ ପରିଚାଳକ (General Manager) ଇତ୍ୟାଦି ବୋଲି କହିପାରିବା, ସେଭଳି ଜଣେ ଆବଶ୍ୟକ କରିବେ। ବୋର୍ଡର ନିୟନ୍ତ୍ରଣରେ, ନିର୍ଦ୍ଦେଶରେ, ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କୃଷକ ଉତ୍ପାଦକ ସଂଗଠନର କାର୍ଯ୍ୟକ୍ରମକୁ ପରିଚାଳନା କରିବେ ଏବଂ କୃଷକ ଉତ୍ପାଦକ ସଂଠଗନ କାର୍ଯ୍ୟକାରୀତା ପାଇଁ ଉତ୍ତରଦାୟୀ ରହିବେ। |
| କୃଷକ ଉତ୍ପାଦକ ସଂଗଠନ | : | ଏକ କୃଷକ ଉତ୍ପାଦକ ସଂଗଠନ (FPO) ହେଉଛି ପଞ୍ଜିକୃତ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ଯାହା କୃଷକ ସଦସ୍ୟମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ ଓ ସେମାନେ ଏହାର ସତ୍ତ୍ୱାଧିକାରୀ ଅଟନ୍ତି। ଚାଷୀ ଉତ୍ପାଦକ ସଂଗଠନର ମୂଳ ଉଦ୍ଦେଶ୍ୟ ହେଲା ଏହାର ସଦସ୍ୟମାନଙ୍କୁ |

ଆବଶ୍ୟକ କରୁଥିବା ସେବା ଯୋଗାଇ ସଦସ୍ୟମାନଙ୍କର ସାଧାରଣ ଆବଶ୍ୟକତାକୁ ପୂରଣ କରୁଥିବ। କୃଷି ଏବଂ ଆନୁସାଙ୍ଗିକ ବିଷୟଭିତ୍ତିକ ବିଭିନ୍ନ କାର୍ଯ୍ୟକ୍ରମରେ କୃଷକ ଉତ୍ପାଦକ ସଂଗଠନଗୁଡିକ ସଂଶ୍ଳିଷ୍ଟ ରୁହନ୍ତି। କୃଷକ ଉତ୍ପାଦକ ସଂଗଠନଗୁଡିକ ଆନୁଷ୍ଠାନିକ ସଂଗଠନ ହୋଇଥିବାରୁ, ସେମାନେ ସେମାନଙ୍କର ଅଫିସ୍/ଅନ୍ୟାନ୍ୟ ଭିତ୍ତିଭୂମି, କର୍ମଚାରୀ, ବ୍ୟବସ୍ଥା ଥାଇ ବୋର୍ଡର ନିର୍ଦ୍ଦେଶକମଣ୍ଡଳୀଙ୍କ ଦ୍ୱାରା ପରିଚାଳିତ ହୋଇଥାନ୍ତି।

ଫସାଇ (FSSAI) : ଖାଦ୍ୟପଦାର୍ଥର ନିରାପତ୍ତା ଓ ଗୁଣାତ୍ମକମାନକୁ ସୁନିୟନ୍ତ୍ରିତ କରିବାପାଇଁ ଭାରତର ଖାଦ୍ୟ ନିରାପତ୍ତା ଏବଂ ମାନ ନିର୍ଦ୍ଧାରଣ କର୍ତ୍ତୃପକ୍ଷ (Food Safety and Standards Authority of India) ପ୍ରମାଣପତ୍ର ଭାରତ ସରକାରଙ୍କର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା ପ୍ରଦାନ କରାଯାଇଥାଏ।

ଦ୍ରବ୍ୟ ଓ ସେବା ଟିକସ (GST) : ଦ୍ରବ୍ୟ ଓ ସେବା ଟିକସ (Goods and Services Tax) (GST) ଦ୍ରବ୍ୟ ଏବଂ ସେବା ଉପରେ ଏକ ବ୍ୟାପକ ଟିକସ ବ୍ୟବସ୍ଥା ଅଟେ ଯାହା ଭାରତରେ ଟିକସ କ୍ଷେତ୍ରରେ ସମାନତା / ସମତ୍ୱ ଆଣିଛି।

ଅଣୁକ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ପ୍ରମାଣପତ୍ର (MSME Certificate) : ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ପ୍ରମାଣପତ୍ର (Micro Small Medium Enterprises Certificate) ଶିଳ୍ପ ବିଭାଗ ଜିଲ୍ଲା ପରିଚାଳକ, (District Manager), ଜିଲ୍ଲା ଶିଳ୍ପ କେନ୍ଦ୍ର (District Industries Centre) ପ୍ରଦାନ କରିଥାଏ।

ପ୍ୟାନ୍ (PAN) : ସ୍ଥାୟୀ ଆକାଉଣ୍ଟ ନମ୍ବର (Permanent Account Number) (PAN) ହେଉଛି ଅଦ୍ୱିତୀୟ/ଅଧିକ ସଂଖ୍ୟା ଯାହା ଆୟକର ବିଭାଗ (Income Tax Department) ଦ୍ୱାରା ବ୍ୟକ୍ତି ଏବଂ ପଞ୍ଜିକୃତ ଅନୁଷ୍ଠାନମାନଙ୍କର ଆୟକର (Income Tax) କୁ ନିୟନ୍ତ୍ରିତ କରିବାକୁ ଦିଆଯାଇଥାଏ।

ଉତ୍ପାଦକ କମ୍ପାନୀ (Producer Company) : ଏକ କୃଷକ ଉତ୍ପାଦକ ସଂଗଠନ ଯାହାକି, କମ୍ପାନୀ ଆଇନ୍ (Companies Act) ୨୦୧୩ ଅଧିନରେ ପଞ୍ଜିକୃତ ବା ସ୍ୱୀକୃତି ଲାଭ କରିଛି, ତାହାକୁ ଆମେ ଏକ ଉତ୍ପାଦକ କମ୍ପାନୀ ବୋଲି କହିଥାଉ। ଉତ୍ପାଦକ କମ୍ପାନୀ ଅର୍ଥ ଏକ ବଡି ଅଫ୍ କର୍ପୋରେଟ୍ (Body of Corporate) ଯାହାର କି ଉଦ୍ଦେଶ୍ୟ ଏବଂ କାର୍ଯ୍ୟକ୍ରମ ସେକ୍ସନ ୫୮୧(ବି) (Section – 581 (B))ରେ ନିର୍ଦ୍ଧାରିତ ହୋଇଥାଏ ଏବଂ କମ୍ପାନିଜ ଆକ୍ଟ (Companies Act)ରେ ଉତ୍ପାଦକ କମ୍ପାନୀ ହିସାବରେ ପଞ୍ଜିକୃତ ହୋଇଥାଏ।

ପିଜିଏସ୍ (PGS) : ପାର୍ଟିସିପେଟୋରୀ ଗ୍ୟାରେଣ୍ଟି ସିଷ୍ଟମ (Participating Guarantee System (PGS)) ହେଉଛି ତୃତୀୟ ପକ୍ଷ ପ୍ରମାଣପତ୍ର ଯାହା କ୍ଷମତାସମ୍ପନ୍ନ ସ୍ୱୀକୃତି ପ୍ରାପ୍ତ ଅନୁଷ୍ଠାନ (କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର) ଦ୍ୱାରା ଦିଆଯାଇଥାଏ। ପାର୍ଟିସିପେଟାରୀ ଗ୍ୟାରେଣ୍ଟି ସିଷ୍ଟମ (PGS-India) ଗୁଣାତ୍ମକମାନର ସୁନିଶ୍ଚିତ ବ୍ୟବସ୍ଥା

| | | |
|---|---|---|
| | | ଯାହା ସ୍ଥାନ ବିଶେଷରେ ଉପଯୋଗୀ ହୋଇଥାଏ ଏବଂ ସମସ୍ତ ସଂଶ୍ଲିଷ୍ଟ ବ୍ୟକ୍ତିଙ୍କର ଅଂଶଗ୍ରହଣକୁ ଗୁରୁତ୍ୱ ଦେଇଥାଏ । |
| ରିଟର୍ଣ୍ଣ ଦାଖଲ କରିବା (Returns Filing) | : | ଯେଉଁ ଆଇନ୍ ଅନୁସାରେ କୃଷକ ଉତ୍ପାଦକ ସଂଗଠନ ପଞ୍ଜିକୃତ ହୋଇଛି, ସେହି ଆଇନ୍ ନିର୍ଦ୍ଦିଷ୍ଟ କରିଛି ଯେ, ବାର୍ଷିକ ସାଧାରଣ ପରିଷଦ ସଭାର ବିବରଣୀ ସହିତ ନିର୍ଦ୍ଦେଶକଙ୍କ ବିବରଣୀ, ଅଡିଟ୍ ହୋଇଥିବା ବାଲାନ୍ସ ସିଟ୍ ଏବଂ ଲାଭ ଓ କ୍ଷତି ହିସାବ ନିବନ୍ଧକ ପାଖରେ ଦିଆଯିବ । |
| ଟାନ୍ (TAN) | : | ଟିକସ କାଟ ଏବଂ ସଂଗ୍ରହ ଆକାଉଣ୍ଟ (Tax Deduction and Collection Account)ର ନମ୍ବର (TAN), ଟିକସ କାଟ ଏବଂ ଆୟକର ଜମା କରିବା ଉଦ୍ଦେଶ୍ୟରେ ଆୟକର ବିଭାଗ ଦ୍ୱାରା ଦିଆଯାଇଥାଏ । |

# କାର୍ଯ୍ୟକ୍ରମର ପ୍ରାରମ୍ଭିକ ସ୍ଥିତି ମୂଲ୍ୟାୟନ

ଯେପରି ପୂର୍ବ ବିଭାଗ ବା ସେକ୍‌ସନ୍‌ରେ 'ଶିକ୍ଷଣ ପେଟିକା' ବିଷୟରେ ଦିଆଯାଇଛି, ସେହିପରି ଏହି ପେଟିକା ବା ମଡ୍ୟୁଲରେ "କୃଷକ ଉତ୍ପାଦକ ସଂଗଠନର ଆଇନ୍‌ଭିତ୍ତିକ ନିୟମ ପାଳନ" ବିଷୟରେ ଆଲୋଚନା କରାଯାଇଛି ।

ନିମ୍ନରେ ଏହି ବିଷୟବସ୍ତୁ ଉପରେ କେତେକ ମୌଳିକ ପ୍ରଶ୍ନ ଦିଆଗଲା । ଆସନ୍ତୁ, ଆମେ ନିଜେ ଏହି ପ୍ରଶ୍ନର ଉତ୍ତର ଦେବା । ଏହା ଉଦ୍ଦେଶ୍ୟ ହେଲା ଆମେ ଏହି ବିଷୟରେ ଆମର ବର୍ତ୍ତମାନର ବୁଝାମଣା / ଜ୍ଞାନକୁ ଏହି ପ୍ରଶ୍ନ ମାଧ୍ୟମରେ ନିଜେ ନିଜେ ଆକଳନ କରିପାରିବା ଏବଂ ଏହାପରେ ଆମ୍ଭେ "କୃଷକ ଉତ୍ପାଦକ ସଂଗଠନର ଆଇନ୍‌ଭିତ୍ତିକ ନିୟମ ପାଳନ" ଉପରେ ଅଧିକ ଶିଖିପାରିବା ।

୧. ଏକ କୃଷକ ଉତ୍ପାଦକ ସଂଗଠନର ଆଇନ୍‌ଭିତ୍ତିକ ନିୟମ ପାଳନ କରିବା କ'ଣ ପାଇଁ ଆବଶ୍ୟକ ଅଟେ ?

-----------------------------------------------------------------------------

-----------------------------------------------------------------------------

-----------------------------------------------------------------------------

-----------------------------------------------------------------------------

-----------------------------------------------------------------------------

୨. କୃଷକ ଉତ୍ପାଦକ ସଂଗଠନଗୁଡ଼ିକ ପାଇଁ କେଉଁ କେଉଁ ବିଭିନ୍ନ ଲାଇସେନ୍‌ସ/ପରମିଟସବୁ ଆବଶ୍ୟକ ?

-----------------------------------------------------------------------------

-----------------------------------------------------------------------------

-----------------------------------------------------------------------------

-----------------------------------------------------------------------------

# ୧

# ଆଇନଭିତ୍ତିକ ନିୟମପାଳନର ଆବଶ୍ୟକତା ଓ ଉପକାରୀତା

**ଅଧିବେଶନ ଉଦ୍ଦେଶ୍ୟ**



**କୃଷକ ଉତ୍ପାଦକ ସଂଗଠନ ପାଇଁ ଆଇନ୍‌ଭିତ୍ତିକ ନିୟମ ପାଳନର ଆବଶ୍ୟକତା ଏବଂ ଉପକାରୀତା ଉପରେ ସଚେତନ ହେବେ ।**

**ବିଷୟବସ୍ତୁ**

୧. ଆଇନ୍‌ଭିତ୍ତିକ ନିୟମ ପାଳନର ଆବଶ୍ୟକତା

୨. ଆଇନ୍‌ଭିତ୍ତିକ ନିୟମ ପାଳନର ଉପକାରୀତା

ପୂର୍ବ ପେଟିକା ବା ମଡ୍ୟୁଲ୍‌ରେ ଆମ୍ଭେ କୃଷକ ଉତ୍ପାଦକ ସଂଗଠନର ସ୍ୱଶାସନ ବିଷୟରେ ଜାଣିଲେ । ସେହି ପେଟିକା ବା ମଡ୍ୟୁଲରେ ଆମ୍ଭେ ଦେଖିଲୁ ଯେ, କୃଷକ ଉତ୍ପାଦକ ସଂଗଠନର ସ୍ୱଶାସନର ଆଇନ୍‌ଭିତ୍ତିକ ନିୟମ ପାଳନ ସୁନିଶ୍ଚିତ କରିବା ହେଉଛି, ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ । ଏହି ପେଟିକା ବା ମଡ୍ୟୁଲରେ ଆମ୍ଭେ କୃଷକ ଉତ୍ପାଦକ ସଂଗଠନ ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ ଯେଉଁ ଆଇନ୍‌ଭିତ୍ତିକ ନିୟମ ପାଳନକୁ ସୁନିଶ୍ଚିତ କରାଇବେ, ତାହା ବିସ୍ତୃତ ଭାବରେଏଥିରେ ଆଲୋଚିତ ହୋଇଛି ।



ଆସନ୍ତୁ ଆମେ ଛୋଟ ପ୍ରୟୋଗ ବା ଏକ୍ସରସାଇଜ୍‌ରୁ /କାର୍ଯ୍ୟରୁ ଆରମ୍ଭ କରିବା ଯାହା ନିମ୍ନରେ ପ୍ରଦତ୍ତ ପ୍ରୟୋଗ / କାର୍ଯ୍ୟ / ଏକ୍ସରସାଇଜ : ଆସନ୍ତୁ ୨ଟି ଭିନ୍ନ ଭିନ୍ନ କୃଷକ ଉତ୍ପାଦକ କମ୍ପାନୀର ନିମ୍ନରେ ପ୍ରଦତ୍ତ ଦୁଇଟି ଘଟଣାର ବିବରଣୀକୁ ଦେଖିବା । ଆମ୍ଭେ ଏହି ଘଟଣାର ବିବରଣୀକୁ ଅନୁଧ୍ୟାନ କରିବା ଏବଂ ଏହି ଦୁଇଟି କୃଷକ ଉତ୍ପାଦକ କମ୍ପାନୀରେ ହୋଇଥିବା ପରିଣାମକୁ ଆଲୋଚନା କରିବା ।

**କୃଷକ ଉତ୍ପାଦକ କମ୍ପାନୀ- ୧**

ଏହି କୃଷକ ଉତ୍ପାଦକ କମ୍ପାନୀରେ, ବାର୍ଷିକ ସାଧାରଣ ସଭା ପ୍ରତ୍ୟେକ ବର୍ଷ ହୋଇଥାଏ, ଯେଉଁ ଅନ୍ୟାନ୍ୟ ବିଷୟ ସହିତ, ଶୂନ୍ୟସ୍ଥାନ ହୋଇଥିବା ନିର୍ଦ୍ଦେଶକମାନଙ୍କୁ ନିର୍ବାଚିତ କରାଯାଇଥାଏ। ଗତବର୍ଷ, ଆର୍ଟିକିଲ୍ / ଧାରାରେ ଆବଶ୍ୟକ ସଂଶୋଧନ ପାଇଁ ଏବଂ ଦୀର୍ଘସ୍ଥାୟୀ ଯୋଜନାର ସ୍ୱୀକୃତି ପାଇଁ ସେମାନେ ବିଶେଷ ସାଧାରଣ ପରିଷଦ ସଭାର ମଧ୍ୟ ଆୟୋଜନ କରିଥିଲେ। ପ୍ରତ୍ୟେକ ମାସର ୫ ତାରିଖରେ ବୋର୍ଡର ସଭା ଅନୁଷ୍ଠିତ ହୁଏ। ବୋର୍ଡ ମଧ୍ୟ ଜଣେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିୟୋଜିତ କରିଛି। ଆର୍ଥିକ ବର୍ଷର ଶେଷରେ ଖୁବ୍ ଶୀଘ୍ର ବୈଧାନିକ/ ବିଧିବଦ୍ଧ ଆଇନ୍‌ଦ୍ୱାରା ନିର୍ଦ୍ଧାରିତ ଅଡିଟ୍ କରାଯାଇଅଛି। ବାର୍ଷିକ ରିଟର୍ଣ୍ଣସବୁ, ଜିଏସ୍‌ଟି ରିଟର୍ଣ୍ଣକୁ ଫାଇଲ୍ କରିବ ଏବଂ ବିଧିବଦ୍ଧ ଆଇନ୍‌ଦ୍ୱାରା ରେଜିଷ୍ଟର ସମୟାନୁସାରେ ଲେଖିବା ବା ପରିଚାଳନା କରାହୋଇଛି।

**କୃଷକ ଉତ୍ପାଦକ କମ୍ପାନୀ- ୨**

ଏହି କୃଷକ ଉତ୍ପାଦକ କମ୍ପାନୀରେ, ବୋର୍ଡର ସଭାର ଆୟୋଜନ କରାହୁଏ କିନ୍ତୁ ନିୟମିତ ନୁହେଁ। ଏପରିକି ବାର୍ଷିକ ସାଧାରଣ ପରିଷଦ ସଭା ଗତ ବର୍ଷ ହୋଇଥିଲା, କିନ୍ତୁ ସେମାନେ କମ୍ପାନୀସବୁର ରେଜିଷ୍ଟ୍ରାରଙ୍କ ପାଖରେ ବାର୍ଷିକ ରିଟର୍ଣ୍ଣ ଫାଇଲ୍ କରିବାକୁ ଭୂଲିଗଲେ। ବିଧିବଦ୍ଧ ଆଇନ୍ ଦ୍ୱାରା ନିର୍ଦ୍ଧାରିତ ଅଡିଟ୍ ଖୁବ୍ ତରବରିଆ ଭାବେ ବାର୍ଷିକ ସାଧାରଣ ପରିଷଦ ସଭାର ପୂର୍ବରୁ ବର୍ତ୍ତମାନ ପର୍ଯ୍ୟନ୍ତ ଲେଖାଯାଇ ନାହିଁ। ତିନିମାସ ମଧ୍ୟରେ ସେମାନଙ୍କର ବ୍ୟବସାୟିକ ନେଣଦେଣ ହେଲାନାହିଁ ଏବଂ ସେମାନେ ଭାବିଲେ ଏହି ତିନିମାସ ମଧ୍ୟରେ ସେମାନେ ଜିଏସ୍‌ଟି (ଦ୍ରବ୍ୟ ଓ ସେବା କର) ଦାଖଲ କରିବା ଆବଶ୍ୟକତା ନାହିଁ।

**"କୃଷକ ଉତ୍ପାଦକ ସଂଗଠନସମୂହ**

ପରିଚୟ ଏବଂ ଯୁକ୍ତିପୂର୍ଣ୍ଣ ବିବରଣୀ ପେଟିକା /ମଡ୍ୟୁଲ"ରେ ଆଲୋଚିତ ହୋଇଛି ଯେ, କୃଷକ ଉତ୍ପାଦକ ସଂଗଠନସବୁ ପଞ୍ଜିକୃତ ଅସ୍ତିତ୍ୱ ଏବଂ "ବଡି କର୍ପୋରେଟ୍‌ସ୍" ଅଟନ୍ତି। ଏହାର ଅର୍ଥ ହେଲା, କୃଷକ ଉତ୍ପାଦକ ସଂଗଠନ ଦେଶର ଆଇନ ଦ୍ୱାରା ନିୟନ୍ତ୍ରିତ ଓ ପରିଚାଳିତ- ଅର୍ଥାତ୍ ଯେଉଁ ଆଇନ୍‌ଦ୍ୱାରା ସେମାନେ ପଞ୍ଜିକୃତ ହୋଇଛନ୍ତି ଏବଂ ଅନ୍ୟ ଆଇନ୍ ଯାହା କୃଷକ ଉତ୍ପାଦକ ସଂଗଠନର କାର୍ଯ୍ୟକ୍ରମପାଇଁ ଉଦ୍ଦିଷ୍ଟ। ତେଣୁ,ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ, କୃଷକ ଉତ୍ପାଦକ ସଂଗଠନଗୁଡ଼ିକ ପୂର୍ଣ୍ଣମାତ୍ରାରେ ଆଇନଭିତ୍ତିକ ନିୟମ ପାଳନ କରୁଥିବା ଅନୁଷ୍ଠାନ ଏବଂ ଏହାକୁ ସୁନିଶ୍ଚିତ କରାଇବା ହେଉଛି ବୋର୍ଡର ପ୍ରାଥମିକ ଦାୟିତ୍ୱ।



**ଆଇନ୍‌ଭିତ୍ତିକ ନିୟମ ପାଳନର ଉପକାରୀତା**

- ଏହା ଯେ କୌଣସି ଆଇନଭିତ୍ତିକ ଆବଶ୍ୟକତା ପାଇଁ ରକ୍ଷାକବଚ ବା ରକ୍ଷକ ଅଟେ– ଉଦାହରଣ ସ୍ୱରୂପ: ଗୋଦାମ ଏବଂ ଗଚ୍ଛିତ ଥିବା ଦ୍ରବ୍ୟ ଉପରେ ଭିଜିଲାନ୍‌ସ ଚଢାଉ ବା ରେଡ୍ କଲେ, ସଂଗଠନର ପ୍ରତିଦ୍ୱନ୍ଦୀ ଯଦି ଆଇନ୍‌ର ଆଶ୍ରୟ ନେଇ କେସ୍ କରେ, କ୍ରେତା ଯଦି ଟଙ୍କା ନ ଦିଏ ଇତ୍ୟାଦି।
- ଏହା କୃଷକ ଉତ୍ପାଦକ ସଂଗଠନର ବିକାଶ ଦିଗରେ ଏକ ଦୃଢ଼ ସାଙ୍ଗଠନିକ ବ୍ୟବସ୍ଥା ପାଇଁ ବାଟ ଦେଖାଏ ଯଥା: ହିସାବକିତାବ ରଖିବା (ବୁକ୍ କିପିଙ୍ଗ୍), ସ୍ୱଶାସନ, ତଦାରଖ ଇତ୍ୟାଦି।
- କୃଷକ ଉତ୍ପାଦକ ସଂଗଠନର ଆର୍ଥିକ ଅଭିବୃଦ୍ଧି କରିବାରେ ସାହାଯ୍ୟ କରିବା ଯଥା: ଆର୍ଥିକ ହିସାବ ପ୍ରସ୍ତୁତି ପାଇଁ ଆବଶ୍ୟକତାକୁ ପୂରଣ କରିବା, ଆଇନ୍ ସମ୍ବନ୍ଧିତ କାଗଜପତ୍ର, ବନ୍ଧକ ଇତ୍ୟାଦି।
- ଚୁକ୍ତିନାମା କରିବା ଓ କିଣାବିକା କରିପାରିବେ ଯଥା; ଦ୍ରବ୍ୟର ବିକ୍ରିବଟା ପାଇଁ କ୍ରେତା ସହ ସମ୍ପର୍କ ରଖିବା।
- ସ୍ୱଚ୍ଛତା ଓ ଉତ୍ତରଦାୟୀତ୍ୱ ଦିଗରେ ସହାୟତା କରେ।

ଆଇନ୍‌ଭିତ୍ତିକ ନିୟମ ପାଳନର ଆବଶ୍ୟକତା ଓ ଉପକାରୀତା ଉପରେ ବୁଝାମଣା ବା ସ୍ପଷ୍ଟତା ପରେ ବର୍ତ୍ତମାନ୍ ଆସନ୍ତୁ ଦେଖିବା କୃଷକ ଉତ୍ପାଦକ ସଂଗଠନ କେଉଁ କେଉଁ ଆଇନ୍‌ଭିତ୍ତିକ ନିୟମ ପାଳନ କରିବାର ଆବଶ୍ୟକତାକୁ ପୂରଣ କରିବେ।



# ୨

# ଆଇନ୍ ଅନୁସାରେ ପଞ୍ଜିକରଣ ବା ସ୍ୱୀକୃତି ପାଇଁ ଆଇନ୍‌ଭିତ୍ତିକ ନିୟମ ପାଳନ

## ଅଧିବେଶନ ଉଦ୍ଦେଶ୍ୟ



**ପଞ୍ଜିକରଣ ବା ସ୍ୱୀକୃତି ପାଇଁ ଥିବା ଆଇନ୍ ଅନୁସାରେ ବିଭିନ୍ନ ପ୍ରକାରର ଆଇନ୍‌ଭିତ୍ତିକ ନିୟମ ପାଳନ ସହିତ ପରିଚିତ ହେବା ।**

## ବିଷୟବସ୍ତୁ

**୧. ଉତ୍ପାଦକ କମ୍ପାନୀ ପାଇଁ ଆଇନ୍‌ଭିତ୍ତିକ ନିୟମ ପାଳନ**

## ପଞ୍ଜିକରଣ ପାଇଁ ଉଦ୍ଦିଷ୍ଟ ଆଇନ୍ ଅନୁଯାୟୀ ଆଇନ୍‌ଭିତ୍ତିକ ନିୟମ ପାଳନ

ଏହି ଅଧିବେଶନରେ ଯେଉଁ କୃଷକ ଉତ୍ପାଦକ ସଂଗଠନ କମ୍ପାନୀଗୁଡ଼ିକର ଆଇନ୍ ୨୦୧୩ ଅନୁସାରେ ଉତ୍ପାଦକ କମ୍ପାନୀ ରୂପେ ପଞ୍ଜିକୃତ ହୋଇଛନ୍ତି ସେମାନଙ୍କ ପାଇଁ ଆଇନଭିତ୍ତିକ ନିୟମ ପାଳନକୁ ଦେଖିବା ଆସନ୍ତୁ। ଏହା ଗୁରୁତ୍ୱପୂର୍ଣ୍ଣ ଯେ,ସମସ୍ତ ଆବଶ୍ୟକୀୟ ଆଇନ୍‌ଭିତ୍ତିକ ନିୟମ ପାଳନ ଉପଯୁକ୍ତ ସମୟରେ ହିଁ ହେବା ଉଚିତ୍, ନଚେତ୍ ଏହା ଜୋରିମାନା ବା ଦଣ୍ଡବିଧାନ ଆଡ଼କୁ ନେଇଯିବ।



**ସାରଣୀ -୧ :** ଉତ୍ପାଦକ କମ୍ପାନୀ ପାଇଁ ଆଇନଭିତ୍ତିକ ନିୟମ ପାଳନର କ୍ୟାଲେଣ୍ଡର :

| କ୍ର.ନ. | କେଉଁ ନିୟମ ପାଳନ | ବିସ୍ତୃତ ବିବରଣୀ | ଏପ୍ରିଲ | ମେ | ଜୁନ୍ | ଜୁଲାଇ | ଅଗଷ୍ଟ | ସେପ୍ଟେମ୍ବର | ଅକ୍ଟୋବର | ନଭେମ୍ବର | ଡିସେମ୍ବର | ଜାନୁଆରୀ | ଫେବୃଆରୀ | ମାର୍ଚ୍ଚ |
|---|---|---|---|---|---|---|---|---|---|---|---|---|---|---|
| ୧. | ବୋର୍ଡ ସଭା  | ନିହାତି ବର୍ଷକୁ ୪ଥର (ପ୍ରତି ତିନି ମାସରେ ଥରେ) | | | | | | | | | | | | |
| ୨. | ବିଧିବଦ୍ଧ ଆଇନ୍ ଦ୍ୱାରା ନିର୍ଦ୍ଧାରିତ ଅଡିଟ୍  | ପ୍ରତ୍ୟେକ ଆର୍ଥିକ ବର୍ଷ ପାଇଁ | | | | | | | | | | | | |
| ୩. | ସ୍ୱତନ୍ତ୍ର ଅଡିଟ୍   | ଯେତେବେଳେ ରେଜିଷ୍ଟ୍ରାର୍ କହିବେ | | | | | | | | | | | | |
| ୪. | ବାର୍ଷିକ ସାଧାରଣ ସଭା  | ବର୍ଷକୁ ଥରେ ୬ମାସ ମଧ୍ୟରେ ଏବଂ ଆର୍ଥିକ ବର୍ଷ ଶେଷ ପରେ | | | | | | | | | | | | |
| ୫. | ବୋର୍ଡ଼ର ସଦସ୍ୟମାନଙ୍କର ନିର୍ବାଚନ  | ଏକ ତୃତୀୟାଂଶ ପ୍ରତ୍ୟେକ ବର୍ଷ | | | | | | | | | | | | |

| କ୍ର.ନ. | କେଉଁ ନିୟମ ପାଳନ | ବିସ୍ତୃତ ବିବରଣୀ | ଏପ୍ରିଲ | ମଇ | ଜୁନ୍ | ଜୁଲାଇ | ଅଗଷ୍ଟ | ସେପ୍ଟେମ୍ବର | ଅକ୍ଟୋବର | ନଭେମ୍ବର | ଡିସେମ୍ବର | ଜାନୁଆରୀ | ଫେବୃଆରୀ | ମାର୍ଚ୍ଚ |
|---|---|---|---|---|---|---|---|---|---|---|---|---|---|---|
| ୬. | କମ୍ପାନୀସମୂହର ରେଜିଷ୍ଟ୍ରାରଙ୍କ ପାଖରେ ବାର୍ଷିକ ରିଟର୍ଣ୍ଣ ଦାଖଲ କରିବା  | ବାର୍ଷିକ ସାଧାରଣ ପରିଷଦ ସଭାର ୩୦ ଦିନ ମଧ୍ୟରେ | | | | | | | | | | | | |
| ୭. | ସାଧାରଣ ସଂରକ୍ଷିତ ପାଣ୍ଠିର ହିସାବ  | ବର୍ଷକୁ ଥରେ | | | | | | | | | | | | |
| ୮. | ଅଡିଟରଙ୍କୁ ନିଯୋଜିତ କରିବା  | ବାର୍ଷିକ ସାଧାରଣ ପରିଷଦ ସଭାରେ | | | | | | | | | | | | |
| ୯. | ଦ୍ରବ୍ୟ ଓ ସେବାକର (ଜି.ଏସ୍.ଟି)ର ରିଟର୍ଣ୍ଣ ଦାଖଲ କରିବା  | ବର୍ଷକୁ ୪ଥର (୩ ମାସକୁ ଥରେ) | | | | | | | | | | | | |

| କ୍ର.ନ. | କେଉଁ ନିୟମ ପାଳନ | ବିସ୍ତୃତ ବିବରଣୀ | ଏପ୍ରିଲ | ମଇ | ଜୁନ | ଜୁଲାଇ | ଅଗଷ୍ଟ | ସେପ୍ଟେମ୍ବର | ଅକ୍ଟୋବର | ନଭେମ୍ବର | ଡିସେମ୍ବର | ଜାନୁଆରୀ | ଫେବୃଆରୀ | ମାର୍ଚ୍ଚ |
|---|---|---|---|---|---|---|---|---|---|---|---|---|---|---|
| ୧୦. | ବିଶେଷ ସାଧାରଣ ପରିଷଦ ସଭା (ଇଜିଏମ୍)  | ଯେତେବେଳେ ଦରକାର ପଡ଼େ | | | | | | | | | | | | |
| ୧୧. | ବିଧିବଦ୍ଧ ଆଇନ୍ ଦ୍ୱାରା ନିର୍ଦ୍ଧାରିତ ନଥିପତ୍ର / ରେଜିଷ୍ଟର ଲେଖନ  | ସବୁ ସମୟରେ | | | | | | | | | | | | |

**ଅଭ୍ୟାସ:** ବର୍ତ୍ତମାନ ଆମେ ଆକଳନ କରିବା ଦରକାର ଯେ ଆମ୍ଭର କୃଷକ ଉତ୍ପାଦକ ସଂଗଠନ ଉପରେ ଦିଆଯାଇଥିବା ସବୁ ଆଇନଭିତ୍ତିକ ନିୟମ ପାଳନ କରୁଛି କି ନାହିଁ? ଯଦି ନା, ସବୁ ଆଇନ୍‌ଭିତ୍ତିକ ନିୟମ ପାଳନକୁ ଉପଯୁକ୍ତ ସମୟରେ ସୁନିଶ୍ଚିତ କରାଇବାକୁ କ'ଣ ସବୁ କାର୍ଯ୍ୟ ଯୋଜନା ହୋଇପାରେ।

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

# ଅପରାଧ ଏବଂ ଶାସ୍ତି

କୃଷକ ଉତ୍ପାଦକ ସଂଗଠନ ଦ୍ୱାରା ଅପରାଧ ପାଇଁ, କମ୍ପାନୀ ଆଇନ୍ ଅନୁଯାୟୀ ଜୋରିମାନା / ଶାସ୍ତି ନିର୍ଦ୍ଦିଷ୍ଟ କରାଯାଇଛି, ତାହା ନିମ୍ନରେ ଦିଆଗଲା।

**ସାରଣୀ -୨ :** ଅପରାଧ ଏବଂ ଶାସ୍ତି

| କ୍ର.ନ. | ଅପରାଧର ପ୍ରକାର | ଶାସ୍ତି |
|---|---|---|
| ୧. | ଯେ କୌଣସି ସଦସ୍ୟ ନିଜର ବ୍ୟବସାୟିକ ଇଚ୍ଛା, ଉତ୍ପାଦକ କମ୍ପାନୀର ବ୍ୟବସାୟ ସହିତ ବିବାଦ / ଅସାମଞ୍ଜସ୍ୟ ହେବା ବା ମତ ପାର୍ଥକ୍ୟ ହେବା। | ସେ ସଦସ୍ୟତା ହରାଇବା ସହିତ ଆର୍ଟିକିଲ୍ ଅଫ ଆସୋସିଏସନ ଅନୁସାରେ ତାକୁ କମ୍ପାନୀର ସଦସ୍ୟପଦରୁ ବହିଷ୍କାର କରାଯିବ। |
| ୨. | ଏହି ଆଇନ୍ କିମ୍ବା ଯେକୌଣସି ଆଇନ୍‌କୁ ଉଲଙ୍ଘନ କରି କୌଣସି ଜଣେ ନିର୍ଦ୍ଦେଶକ ଭୋଟ ଦେଲେ ଏବଂ ସ୍ୱୀକୃତି ପ୍ରଦାନ କଲେ। | ଏହି ଭୋଟ କିମ୍ବା କାର୍ଯ୍ୟ ପାଇଁ, ନିର୍ଦ୍ଦେଶକ କମ୍ପାନୀର କ୍ଷତି ଏବଂ ଲାଭ ପାଇଁ ଦାୟୀ ରହିବେ। |
| ୩. | କମ୍ପାନୀର କାର୍ଯ୍ୟକ୍ରମ ସମ୍ପର୍କରେ ଯେ କୌଣସି ସଦସ୍ୟ କିମ୍ବା ସ୍ୱୀକୃତିପ୍ରାପ୍ତ ବ୍ୟକ୍ତିଙ୍କୁ ନିର୍ଦ୍ଦେଶକ ସୂଚନା/ତଥ୍ୟ ଦେବାରେ ବିଫଳ ହେଲେ। | ପୂର୍ବ ବର୍ଷର କମ୍ପାନୀର ସମୁଦାୟ ଆୟ ଏବଂ ଗଚ୍ଛିତ ରାଶିର ୫% ଜୋରିମାନା ହେବ। |
| ୪. | ଉତ୍ପାଦକ କମ୍ପାନୀକୁ ଆକାଉଣ୍ଟ ବହି, ନଥିପତ୍ର କିମ୍ବା ସମ୍ପତ୍ତି ହସ୍ତାନ୍ତର କରିବାରେ ବିଫଳ ହେଲେ | ୧ ଲକ୍ଷ ଟଙ୍କାର ଜୋରିମାନା ଏବଂ ଯଦି ବିଫଳତା ଲଗାତର ଦେଖାଯାଏ, ତେବେ ତା'ଛଡ଼ା ପ୍ରତ୍ୟେକ ଦିନ ପାଇଁ ୧୦,୦୦୦ ଟଙ୍କା ଲେଖାଏଁ ଅତିରିକ୍ତ ଜୋରିମାନା ହେବ। |
| ୫. | ବାର୍ଷିକ ସାଧାରଣ ପରିଦେ ସଭା କିମ୍ବା ସାଧାରଣ ସଭା ଡାକିବାରେ ବିଫଳ ହେଲେ। | ୧ ଲକ୍ଷ ଟଙ୍କାର ଜୋରିମାନା ଏବଂ ଯଦି ବିଫଳତା ଲଗାତର ଦେଖାଯାଏ, ତାଛଡ଼ା ପ୍ରତ୍ୟେକ ଦିନ ପାଇଁ ୧୦,୦୦୦ ଟଙ୍କା ଅତିରିକ୍ତ ଜୋରିମାନା ହେବ। |
| ୬. | ଉତ୍ପାଦକ କମ୍ପାନୀ ସୃଷ୍ଟି ହେବାର ବର୍ଷକ ମଧ୍ୟରେ ବ୍ୟବସାୟ କରିବାରେ ବିଫଳ ହେଲେ। | କମ୍ପାନୀସମୂହର ରେଜିଷ୍ଟ୍ରାର ଉପଯୁକ୍ତ ତଥ୍ୟ ଅନୁସାରେ ଅନୁଧାନ କଲାପରେ ଏବଂ ନିର୍ଦ୍ଦେଶମଣ୍ଡଳୀଙ୍କୁ ଶୁଣିବା ପାଇଁ ଉପଯୁକ୍ତ ସୁଯୋଗ ଦେଇ କମ୍ପାନୀ ନାମରେ ନୋଟିସ୍ ଦେବେ ଓ ନାମ କାଟି ଦେବେ। |
| ୭. | ଉତ୍ପାଦକ କମ୍ପାନୀ ଯଦି ଏହାର ସଦସ୍ୟମାନଙ୍କ ମଧ୍ୟରେ ବ୍ୟବସାୟିକ ପରିଚାଳନା କରିବା ବନ୍ଦ କରିଦିଏ। | କମ୍ପାନୀସମୂହର ରେଜିଷ୍ଟ୍ରାର ଉପଯୁକ୍ତ ତଥ୍ୟ ଆଧାରରେ ଅନୁଧାନ କଲାପରେ ଏବଂ ନିର୍ଦ୍ଦେଶକମଣ୍ଡଳୀଙ୍କୁ ଶୁଣିବା ପାଇଁ ଉପଯୁକ୍ତ ସୁଯୋଗ ଦେଇ କମ୍ପାନୀ ନାମରେ ନୋଟିସ୍ ଦେବେ ଓ ନାମ କାଟିଦେବେ। |

| କ୍ର.ନ. | ଅପରାଧର ପ୍ରକାର | ଶାସ୍ତି |
|---|---|---|
| ୮. | ଯଦି ଉତ୍ପାଦକ କମ୍ପାନୀ ଆଇନ୍‌ରେ ନିର୍ଦ୍ଧାରିତ ଉଦ୍ଦେଶ୍ୟଗୁଡ଼ିକ ମୁତାବକ କାର୍ଯ୍ୟ ନ କରେ। | କମ୍ପାନୀସମୂହର ରେଜିଷ୍ଟ୍ରାର ଉପଯୁକ୍ତ ତଥ୍ୟ ଆଧାରରେ ଅନୁଧ୍ୟାନ କଲାପରେ ଏବଂ ନିର୍ଦ୍ଦେଶକମଣ୍ଡଳୀଙ୍କୁ ଶୁଣିବା ପାଇଁ ଉପଯୁକ୍ତ ସୁଯୋଗ ଦେଇ କମ୍ପାନୀ ନାମରେ ନୋଟିସ୍ ଦେବେ ଓ ନାମ କାଟିଦେବେ। |
| ୯. | ଯେ କୌଣସି ସହଯୋଗ ନୀତିଗୁଡ଼ିକ ଅନୁଯାୟୀ ଉତ୍ପାଦକ କମ୍ପାନୀ ଯଦି ପରିଚାଳିତ ନହୁଏ। | କମ୍ପାନୀସମୂହର ରେଜିଷ୍ଟ୍ରାର ଉପଯୁକ୍ତ ତଥ୍ୟ ଆଧାରରେ ଅନୁଧ୍ୟାନ କଲାପରେ ଏବଂ ନିର୍ଦ୍ଦେଶକମଣ୍ଡଳୀଙ୍କୁ ଶୁଣିବା ପାଇଁ ଉପଯୁକ୍ତ ସୁଯୋଗ ଦେଇ କମ୍ପାନୀ ନାମରେ ନୋଟିସ୍ ଦେବେ ଓ ନାମ କାଟିଦେବେ। |

କମ୍ପାନୀସମୂହର ଆଇନ୍ ଏବଂ ନିୟମକୁ ଭିତ୍ତିକରି ଆଇନ୍‌ଭିତ୍ତିକ ନିୟମ ପାଳନ ଏବଂ ଶାସ୍ତି ସମୟକୁ ସମୟ ପରିବର୍ତ୍ତନ ହୋଇପାରେ। ତେଣୁ ବୋର୍ଡର ନିର୍ଦ୍ଦେଶକମଣ୍ଡଳୀ, ସମୟକୁ ସମୟ ଆଇନ୍‌ଭିତ୍ତିକ ନିୟମ ପାଳନକୁ ସୁନିଶ୍ଚିତ କରିବାପାଇଁ ଜଣେ ସ୍ୱୀକୃତିପ୍ରାପ୍ତ କମ୍ପାନୀ ସେକ୍ରେଟାରୀଙ୍କ ସହାୟତା ନେବା ଉଚିତ୍।



୩

# ଆଇନ୍‌ଭିତ୍ତିକ ଲାଇସେନ୍‌ସ୍ ଏବଂ ପରମିଟ୍‌ସବୁ

**ଅଧିବେଶନ ଉଦ୍ଦେଶ୍ୟ**



କୃଷକ ଉତ୍ପାଦକ ସଂଗଠନ ପାଇଁ ବିଭିନ୍ନ ପ୍ରକାରର ଆଇନ୍‌ଭିତ୍ତିକ ଲାଇସେନ୍‌ସ ଓ ପରମିଟ୍‌ସବୁର ଆବଶ୍ୟକତା ଉପରେ ଜାଣିବା ।

**ବିଷୟବସ୍ତୁ**

୧. କୃଷକ ଉତ୍ପାଦକ ସଂଗଠନ ପାଇଁ ଆଇନ୍‌ଭିତ୍ତିକ ଲାଇସେନ୍‌ସ / ପରମିଟ୍ ସବୁ ।

୨. କୃଷକ ଉତ୍ପାଦକ ସଂଗଠନରେ ବିଧିବଦ୍ଧ ଆଇନ୍ ଦ୍ୱାରା ନିର୍ଦ୍ଧାରିତ ରେଜିଷ୍ଟର ଲେଖିବା ଓ ଏହାର ପରିଚାଳନା ।


## ଆଇନ୍‌ଭିତ୍ତିକ ଲାଇସେନ୍‌ସ ଓ ପରମିଟ୍‌ସବୁ

ପଞ୍ଜିକରଣ ଆଇନ୍ ଅନୁଯାୟୀ ବିଭିନ୍ନ ଆଇନ୍‌ଭିତ୍ତିକ ନିୟମ ପାଳନ ବ୍ୟତୀତ, କୃଷକ ଉତ୍ପାଦକ ସଂଗଠନ ସେମାନଙ୍କ ବ୍ୟବସାୟ ପାଇଁ ବିଭିନ୍ନ ପ୍ରକାର ଲାଇସେନ୍‌ସ /ପରମିଟ୍‌ସବୁ ଆବଶ୍ୟକ କରିଥାଆନ୍ତି । ସେଗୁଡ଼ିକର ତାଲିକା ନିମ୍ନରେ ପ୍ରଦତ୍ତ ସାରଣୀରେ ଦିଆଗଲା ।




**ସାରଣୀ-୩:** କୃଷକ ଉତ୍ପାଦକ ସଂଗଠନ ପାଇଁ ସାଙ୍କେତିକ ଆଇନ୍‌ଭିତ୍ତିକ ଲାଇସେନସ୍‌/ପରମିଟ୍ ସବୁ

| ବ୍ୟବସାୟ / କାର୍ଯ୍ୟକ୍ରମ | ଆବଶ୍ୟକ ଲାଇସେନ୍‌ସ/ପରମିଟ୍ | ପ୍ରଚଳନ/ଦେବାକୁ ଥିବା କର୍ତ୍ତୃପକ୍ଷ |
|---|---|---|
| ସାଧନ-ବ୍ୟବସାୟ   ବିହନ | ବିହନ ଉତ୍ପାଦନ ଏବଂ ବିକ୍ରି ଲାଇସେନ୍‌ସ : ମଞ୍ଜିର ପ୍ରମାଣିକ ଲାଇସେନ୍‌ସ । | କୃଷି ବିଭାଗ; ରାଜ୍ୟ ବିହନ ପ୍ରମାଣିକ ସଂସ୍ଥା |
| ସାଧନ ଦୋକାନ | ସାଧନ (ସାର, କୀଟନାଶକ) ଡିଲରସିପ୍ : ଦୋକାନ ଏବଂ ସଂସ୍ଥାପନ | କୃଷି ବିଭାଗ, ଦୋକାନ ଏବଂ ସଂସ୍ଥାପନ ଆଇନ୍, ଶ୍ରମ ବିଭାଗ |
| ସଂଗ୍ରହ କରିବା, ଗୋଦାମ ରକ୍ଷଣ ଏବଂ ବିକ୍ରି   ସଂଗ୍ରହ କରିବା | କୃଷି ଦ୍ରବ୍ୟ ବିପଣନ କମିଟି ଲାଇସେନ୍‌ସ | କୃଷି ଦ୍ରବ୍ୟ ବିପଣନ କମିଟି, କୃଷି ବିପଣନ ବିଭାଗ |
| ଗୁଣାତ୍ମକ ମାନ | କୃଷି ବିପଣନ ପ୍ରମାଣପତ୍ର | ବିପଣନ ଓ ତଦାରଖ ନିର୍ଦ୍ଦେଶ : ଦପ୍ତର, କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର |
| ଗୋଦାମ | ଗୋଦାମ ଘରର ନିୟମ ପାଳନ : ଖାଦ୍ୟଶସ୍ୟ ଲାଇସେନ୍‌ସ | ଗୋଦାମଘର ବିକାଶ ଏବଂ ନିୟନ୍ତ୍ରଣ କର୍ତ୍ତୃପକ୍ଷ, ରାଜ୍ୟ ପଣ୍ୟାଗାର କର୍ପୋରେସନ, ସିଭିଲ ସପ୍ଲାଇ କର୍ପୋରେସନ |
| ବିକ୍ରୟ | ଓଜନ ଓ ମାପ | ଯୋଗାଣ ନିଗମ |
| ପ୍ରକ୍ରିୟାକରଣ   ଖାଦ୍ୟ ପ୍ରକ୍ରିୟାକରଣ | ଖାଦ୍ୟ ନିରାପତ୍ତା ଓ ମାନାଙ୍କ କର୍ତ୍ତୃପକ୍ଷ, ଭାରତ ପ୍ରମାଣପତ୍ର | ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ |

| ବ୍ୟବସାୟ/କାର୍ଯ୍ୟକ୍ରମ | ଆବଶ୍ୟକ ଲାଇସେନ୍‌ସ/ପରମିଟ୍ | ପ୍ରଚଳନ/ଦେବାକୁ ଥିବା କର୍ତ୍ତୃପକ୍ଷ |
|---|---|---|
| ପ୍ରଦୁଷଣ କରୁଥିବା ଶିଳ୍ପ, କାରଖାନା, ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ | ପ୍ରଦୁଷଣ ନିୟନ୍ତ୍ରଣ : କାରଖାନାର ଲାଇସେନ୍‌ସ, ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରମାଣପତ୍ର | ଶିଳ୍ପ ବିଭାଗ (ଜିଲ୍ଲା ପରିଚାଳକ, ଜିଲ୍ଲା ଶିଳ୍ପ କେନ୍ଦ୍ର) |
| | ପାଣିର ପରମିଟ୍ | ଗ୍ରାମ ପଞ୍ଚାୟତ |
| | ବିଦ୍ୟୁତ୍ ପରମିଟ୍ | ବିଦ୍ୟୁତ୍ ବିଭାଗ |
| | ଅଗ୍ନିଶମ ବିଭାଗର ପରମିଟ୍ | ଅଗ୍ନିଶମ ବିଭାଗ |
| ବ୍ୟବସାୟ / ସେବାର ନେଣଦେଣ ଉପରେ ଟିକସ   | ଦ୍ରବ୍ୟ ଏବଂ ସେବା ଟିକସ | କେନ୍ଦ୍ରୀୟ ବୋର୍ଡ, ପରୋକ୍ଷ ଟିକସ କଷ୍ଟମସ୍, ଅର୍ଥ ମନ୍ତ୍ରଣାଳୟ, ଭାରତ ସରକାର |
| ଆୟକର | ସ୍ଥାୟୀ ଆକାଉଣ୍ଟ ନମ୍ବର (ପ୍ୟାନ୍), ଟିକସ କାଟ ଏବଂ ସଂଗ୍ରହ ଆକାଉଣ୍ଟ ନମ୍ବର (ଟ୍ୟାନ୍) | ଆୟ କର ବିଭାଗ |
| ଉତ୍ପାଦନ  ଜୈବିକ ଉତ୍ପାଦସମୂହ | ପାର୍ଟିସିପେଟୋରୀ ଗ୍ୟାରେଣ୍ଟି ସିଷ୍ଟମ (ପିଜିଏସ୍), ତୃତୀୟ ପକ୍ଷ ପ୍ରମାଣପତ୍ର | ସ୍ୱୀକୃତିପ୍ରାପ୍ତ ସଂସ୍ଥା (କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର) |

# ନମୁନା ଲାଇସେନସ୍ ଏବଂ ଦେବାକୁ ଥିବା କର୍ତ୍ତୃପକ୍ଷ

## ୧. ବିହନ ପ୍ରମାଣପତ୍ର ଲାଇସେନ୍ସ


BK Tag No 454954

PADDY

Kind:

Variety: Apr-05-01-526(A)-5670

Lot No.:

APSSCA HYDERABAD

CERTIFIED SEED

Class of Seed:

Certificate No.:

Date of Issue of Certificate:

Date of Test:

Certificate Valid up to

(Provided seed is stored under cool and dry conditions)

Seed Certification Officer (Name and Place)

Validity of Certificate further extended up to

Seed Certification Officer (Name and Place)

Name and Full Address of Certified seed Producer

M/s. Vasantha Seeds, Sempalem, (M) Vemulapally, Nalgonda (Dist.)

## ୨. ଜୈବିକ ପ୍ରମାଣପତ୍ର

PGS-INDIA ORGANIC

## ୩. ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କର୍ତ୍ତୃପକ୍ଷ

सत्यमेव जयते

MSME

MICRO, SMALL & MEDIUM ENTERPRISE

सूक्ष्म, लघु एवं मध्यम उद्यम

## ୪. ପଣ୍ୟାଗାର କର୍ତ୍ତୃପକ୍ଷ

WDRA

Warehousing Development & Regulatory Authority

## ୫. ଖାଦ୍ୟ ଦ୍ରବ୍ୟ କର୍ତ୍ତୃପକ୍ଷ

fssai

FOOD SAFETY AND STANDARDS AUTHORITY OF INDIA

Inspiring Trust, Assuring Safe & Nutritious Food

Ministry of Health and Family Welfare, Government of India

## ୬. କୃଷି ଉତ୍ପାଦ ଗୁଣାତ୍ମକମାନ

भारत सरकार

AGMARK

एग मार्क

GOVERNMENT OF INDIA

## ୭. ଦ୍ରବ୍ୟ ଓ ସେବା କର/ଟିକସ




## ୮. କୃଷକ ଉତ୍ପାଦକ ସଂଗଠନର ପ୍ୟାନ୍ କାର୍ଡ




## ୯. କୃଷକ ଉତ୍ପାଦକ ସଂଗଠନର ସାର ଲାଇସେନ୍ସ

**FORM A-2**
**ACKNOWLEDGEMENT**
(See clause 8(3))

NEW

Authorization Letter Number : CTR/36/ADA/FR/2018/23839
Date of issue : 28/12/2018
Valid up to : 27/12/2021

1. Received from M/s. RAMASAMUDRAM MANDAL AGRICULTURAL PRODUCERS MUTUALLY AIDED CO-OPERATIVE FEDERATION LTD., RAMASAMUDRAM(V), RAMASAMUDRAM(M), PUNGANUR(DIV), CHITTOOR (DISTRICT).a complete memorandum of intimation along with Form "O", fee of Rs.2500/- by challan bearing No(s).21022853442018, Dt(s):14/08/2018.

2. This acknowledgement shall be deemed to be the letter of authorization entitling the applicant to carry on the business as applied for a period of 3 years from the date of issue of this Memo of acknowledgement unless suspended or revoked by the competent authority.

Date : 28/12/2018
Place : Punganur

Signature of Notified Authority

## LETTER OF AUTHORIZATION TO CARRY ON THE BUSINESS OF SELLING OF FERTILIZERS AS A RETAIL DEALER IN GOVERNMENT OF ANDHRA PRADESH

M/s.RAMASAMUDRAM MANDAL AGRICULTURAL PRODUCERS MUTUALLY AIDED CO-OPERATIVE FEDERATION LTD., RAMASAMUDRAM(V), RAMASAMUDRAM(M), PUNGANUR(DIV), CHITTOOR(DISTRICT), is here by granted letter of authorization to carry on the business of selling fertilizers/bio fertilizers/Organic fertilizers in retail at the place specified below in the state of Andhra Pradesh subject to the terms and conditions specified below and to the provision of the Fertilizer (Control) Order,1985.

DESCRIPTION OF THE PLACE AND TYPE OF BUSINESS

| Place of business and personal responsible | Location of sale depot | Location of Godowns attached to sale depot | Type of Fertilizers | Source of Supply |
|---|---|---|---|---|
| 1 | 2 | 3 | 4 | 5 |
| M/s.RAMASAMUDRAM MANDAL AGRICULTURAL PRODUCERS MUTUALLY AIDED CO-OPERATIVE FEDERATION LTD., 6-57, Bajaar Street, Ramasamudram, Ramasamudram, Punganur, Chittoor.<br><br>Person Responsible List Enclosed | 6-57, Bajaar Street, Ramasamudram, Ramasamudram, Punganur, Chittoor.<br><br>(Godown also included) | Nil | List Enclosed | List Enclosed |

Seal :

Date : 28/12/2018

Place : Punganur

Signature of Notified Authority

## ୧୦. କୃଷକ ଉତ୍ପାଦକ ସଂଗଠନ - ଜି.ଏସ୍.ଟି. ପଞ୍ଜିକରଣ ପ୍ରମାଣପତ୍ର

**Government of India**

**Form GST REG-06**

*[See Rule 10(1)]*

**Registration Certificate**

**Registration Number : 37AAALR1612H1Z7**

| | | |
|---|---|---|
| 1. | **Legal Name** | RMS MANDAL AGRICULTURE PRODUCERS MUTUALLY |
| 2. | **Trade Name, if any** | RMS MANDAL AGRICULTURE PRODUCERS MUTUALLY |
| 3. | **Constitution of Business** | Local Authority |
| 4. | **Address of Principal Place of Business** | 6-57, BAJAR STREET, RAMASAMUDRAM, Chittoor, Andhra Pradesh, 517325 |
| 5. | **Date of Liability** | |
| 6. | **Period of Validity** | From 26/07/2018 To NA |
| 7. | **Type of Registration** | Regular |
| 8. | **Particulars of Approving Authority** | |

**Signature**

Validity unknown
Digitally signed by DS GOODS AND SERVICES TAX NETWORK 1
Date: 2018.07.26 00:19:34 IST

| | |
|---|---|
| Name | |
| Designation | |
| Jurisdictional Office | |
| 9. Date of issue of Certificate | 26/07/2018 |

Note: The registration certificate is required to be prominently displayed at all places of business in the State.

**ଅଭ୍ୟାସ :** ଆସନ୍ତୁ ଆମ କୃଷକ ଉତ୍ପାଦକ ସଂଗଠନର ଆବଶ୍ୟକତା ଥିବା ଲାଇସେନସ୍ / ପରମିଟ ସବୁର ଆକଳନ କରିବା


| କ୍ର. ନ. | କାର୍ଯ୍ୟକ୍ରମ | ଆବଶ୍ୟକ ଲାଇସେନ୍ସ ଓ ପରମିଟ | ପାଇଛନ୍ତି କି ନାହିଁ (ହଁ / ନା) | ଲାଇସେନସର ପ୍ରୟୋଗ/ପୁନଃ ନବୀକରଣ (ହଁ/ନା) |
|---|---|---|---|---|
| | | | | |
| | | | | |
| | | | | |
| | | | | |

## ବୈଧାନିକ ରେଜିଷ୍ଟର ସବୁ

କମ୍ପାନୀସବୁର ଆଇନ୍ ୨୦୧୩ ଅନୁସାରେ, ପ୍ରତ୍ୟେକ ଉତ୍ପାଦକ କମ୍ପାନୀ ନିମ୍ନରେ ପ୍ରଦତ୍ତ ବୈଧାନିକ ରେଜିଷ୍ଟରସବୁ ଲେଖିବା ବା ପରିଚାଳନା କରିବା।

**ଉତ୍ପାଦକ କମ୍ପାନୀ ଦ୍ୱାରା ବୈଧାନିକ ରେଜିଷ୍ଟର ସବୁର ପରିଚାଳନା କରିବା**

- ଫି ବା ଶୁଳ୍କସମୂହର ରେଜିଷ୍ଟର
- ସଦସ୍ୟମାନଙ୍କର ରେଜିଷ୍ଟର
- ନିର୍ଦ୍ଦେଶକମଣ୍ଡଳୀ ଏବଂ ସେମାନଙ୍କର ଅଂଶଧନ ରେଜିଷ୍ଟର
- ବାର୍ଷିକ ରିଟର୍ଣ୍ଣର ଏକକିତା ନକଲ
- ବୋର୍ଡ ସଭା ଓ ବୋର୍ଡରେ ଥିବା କମିଟିର ସଭାଗୁଡ଼ିକର ସଭାବହି।
- ସାଧାରଣ ପରିଷଦ ସଭାର ସଭାବହି
- ଲାଭାଂଶର ଘୋଷଣା ଏବଂ ଅବଶିଷ୍ଟ ଦେୟର ରେଜିଷ୍ଟର
- ଉପଯୁକ୍ତ ଆକାଉଣ୍ଟ (ହିସାବ) ବହି
- କମ୍ପାନୀ ଦ୍ୱାରା ଋଣ ଏବଂ ବିନିଯୋଗ ରେଜିଷ୍ଟର ଉତ୍ପାଦକ କମ୍ପାନୀ ଦ୍ୱାରା ବୈଧାନିକ ରେଜିଷ୍ଟର ସବୁର ପରିଚାଳନା କରିବା



# କାର୍ଯ୍ୟକ୍ରମର ଶେଷ ମୂଲ୍ୟାୟନ

ଦୟାକରି ଆମ୍ଭେ କୃଷକ ଉତ୍ପାଦକ ସଂଗଠନର ଆଇନଭିତ୍ତିକ ନିୟମ ପାଳନ ବିଷୟରେ ବେସ୍ ଲାଇନ୍‌ରେ (ପ୍ରାରମ୍ଭିକ ସ୍ଥିତି ମୂଲ୍ୟାୟନ) କେତେକ ମୌଳିକ ପ୍ରଶ୍ନର ଉତ୍ତର ଦେଇଥିବା ମନେପକାନ୍ତୁ ।

ବର୍ତ୍ତମାନ ଏହି ପେଟିକା ଶେଷକୁ ଆସିଛୁ, ତେବେ ଶେଷ ମୂଲ୍ୟାୟନ ବା ଏଣ୍ଡ ଲାଇନ୍‌ର ପ୍ରଶ୍ନାବଳୀରେ ଆମର ଏହି ଶିକ୍ଷଣ ପେଟିକା ସହାୟତାରେ କେତେ ବୁଝାମଣା ବୃଦ୍ଧି କରିଛେ ତାହାକୁ ଆକଳନ କରିବା । ତେଣୁ, ଆମ୍ଭର ଏହି ପେଟିକାରୁ କ'ଣ ଶିକ୍ଷଣ ହେଲା ତାହା କେତେକ ପ୍ରଶ୍ନର ଉତ୍ତର ଦେଇ ଜାଣିବା ।

୧. କୃଷକ ଉତ୍ପାଦକ ସଂଗଠନର ଯେକୌଣସି ବ୍ୟବସାୟ କଲେ ମଧ୍ୟ କ'ଣ କ'ଣ ବାଧ୍ୟତାମୂଳକ ଲାଇସେନ୍ସ ବା ପରମିଟର ଆବଶ୍ୟକତା ଅଛି ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

୨. ଆଇନଭିତ୍ତିକ ନିୟମ ପାଳନ ନ କଲେ କ'ଣ କ'ଣ ପରିଣାମ ହେବ ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

୩. ଏକ ଉତ୍ପାଦକ କମ୍ପାନୀ ପାଇଁ ବିଭିନ୍ନ ପ୍ରକାରର ଆଇନଭିତ୍ତିକ ଅପରାଧ କ'ଣ କ'ଣ ଅଛି ?

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ... ..

# କୃଷକ ଉତ୍ପାଦକ ସଂଗଠନର
# ଆଇନ୍‌ଭିତ୍ତିକ ନିୟମ ପାଳନ ପେଟିକାରୁ ମୁଖ୍ୟ ଯୋଜନା ପ୍ରସ୍ତୁତି

ଆସନ୍ତୁ ଆମେ, ଏହି କୃଷକ ଉତ୍ପାଦକ ସଂଗଠନର ଆଇନ୍‌ଭିତ୍ତିକ ନିୟମ ପାଳନ ପେଟିକାରୁ ଆମର କାର୍ଯ୍ୟ ଯୋଜନାର ତାଲିକା ପ୍ରସ୍ତୁତ କରିବା ।

… … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … …


… … … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … …

… … … … … … … … … … … … … … … … … … … … … … … … … … … … … …



ସମବାୟ ମୂଲ୍ୟବୋଧସମୂହ
ଆମ୍ -ସହାୟତା
FPO
ଆମ୍ -ଦାୟିତ୍ୱବୋଧତା
ଗଣତନ୍ତ୍ର
OUR FPO
ସମତା
OUR FPO
ସମାନତା
OUR FPO
ସଂହତି




## ଏପିମାସ୍ ସମ୍ପର୍କରେ

ଏପିମାସ୍ ଏକ ଅଣ-ଲାଭଦାୟକ ଜାତୀୟ ସ୍ତରୀୟ ସାଧନ ଅନୁଷ୍ଠାନ, ଯିଏ କି ଲୋକ ସଙ୍ଗଠନମାନଙ୍କର ସଶକ୍ତିକରଣ ପାଇଁ କାର୍ଯ୍ୟ କରେ। ସେଗୁଡିକ ହେଲା ମହିଳା ସ୍ୱୟଂ ସହାୟକ ଦଳ (ଏସଏଚଜି), ସ୍ୱୟଂ ସହାୟକ ଦଳର ସଂଘ, କୃଷକ ଉତ୍ପାଦକ ସଙ୍ଗଠନ ଏବଂ ଅନ୍ୟାନ୍ୟ ଗୋଷ୍ଠିଭିତ୍ତିକ ସଙ୍ଗଠନସମୂହ। ନିଜେ ନିଜକୁ ସହାୟତା, ସମୂହ ଲାଭ, ନିଜର ଦାୟିତ୍ୱବୋଧତା ଏବଂ ଆତ୍ମନିର୍ଭରଶୀଳତା ସଙ୍ଗଠନର ଉପଦେଷ୍ଟା ମୂଲ୍ୟବୋଧକୁ ବିଶ୍ୱାସ ଏବଂ ଅଭ୍ୟାସ କରେ।





## ସୁଧର୍ମ - କୃଷକ ଉତ୍ପାଦକ ସଂଗଠନର ଆଇନ୍‌ଭିତ୍ତିକ ନିୟମ ପାଳନ

କୃଷକ ଉତ୍ପାଦକ ସଙ୍ଗଠନ ଇନକ୍ୟୁବେସନ କେନ୍ଦ୍ର ହେଉଛି ଏପିମାସ୍ ଦ୍ୱାରା ପ୍ରେତ୍ସାହିତ ଏକ କୃଷକ ଉତ୍ପାଦକ ସଙ୍ଗଠନକୁ ଇନକ୍ୟୁବେସନ ଏବଂ ପୋଷଣ ସହାୟତା ଯୋଗାଇବା ପାଇଁ କୃଷକ ଉତ୍ପାଦକ ସଙ୍ଗଠନଗୁଡିକ ଏବଂ କୃଷକ ଉତ୍ପାଦକ ସଙ୍ଗଠନକୁ ପ୍ରୋତ୍ସାହନ ତଥା ସହାୟତା ସଂସ୍ଥାର ସହଭାଗିତାରେ ଏହି ସଂସ୍ଥାଗୁଡିକର ବିକାଶ ଏବଂ ସ୍ଥାୟୀ ଉଦ୍ୟୋଗରେ ବିକାଶ କରିବା। ଏହି ଅନୁଷ୍ଠାନ ଗୁଡିକର ବିକାଶ ତଥା ମଜବୁତ କରିବା ପାଇଁ ଯେପରିକି ଦର୍ଶନ, ଆଇନଗତ ନିୟମ, ପରିଚାଳନା, ଶାସନ ଏବଂ ଦକ୍ଷତା ବିକାଶ ଇତ୍ୟାଦି ସେବା ପ୍ରଦାନ କରିଥାଏ । ଏହା ବ୍ୟବସାୟିକ ବିକାଶ ସେବା ଯେପରିକି ବ୍ୟବସାୟ ଯୋଜନା, ଆର୍ଥିକ ସମନ୍ୱୟ, ବିପଣନ ଏବଂ କୃଷକ ଉତ୍ପାଦକ ସଙ୍ଗଠନର ବ୍ୟବସାୟରେ ସମ୍ଭାବନା ବିକାଶରେ ବୈଷୟିକ ସହାୟତା ପ୍ରଦାନ କରିଥାଏ।

ସହାୟତା
DGRV

ଅନୁବାଦ
cysd
Enable-Empower-Include

ପ୍ରକାଶନ
apmas